ଓଡ଼ିଶା ସରକାର

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ

## 2006 – 2007

ସ୍ୱରାଷ୍ଟ୍ର ବିଭାଗ

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ: 2006-2007

## ଉପକ୍ରମଣିକା:

ରାଜ୍ୟ ପ୍ରଶାସନରେ ସ୍ୱରାଷ୍ଟ୍ର ବିଭାଗର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଆରକ୍ଷୀ ପ୍ରଶାସନର ଏହା ମୂଳାଧାର । ଏହି ବିଭାଗ ରାଜ୍ୟର ଆଇନ ଶୃଙ୍ଖଳା, ଅପରାଧ ନିରାକରଣ ଓ ନିୟନ୍ତ୍ରଣ, ଅପରାଧୀ ଅଭିଯୋଜନ, ଅଗ୍ନିଶମସେବା ତଥା କାରାଗାର ପ୍ରଭୃତିର ବିକାଶ ପାଇଁ ଗୁରୁଦାୟିତ୍ୱ ନିର୍ବାହ କରେ । ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ସଚିବାଳୟ ସେବାର ଏକ ସମୃଦ୍ଧ ବିଭାଗ ରୂପେ ପରିଚିତ । ଓଡ଼ିଶା ସଚିବାଳୟ ସେବା, ସହାୟକ, କ୍ଷିପ୍ରଲିପିକ, ମୁଦ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବଙ୍କ କୋଠ ସଂବର୍ଗଆଦି ରାଜ୍ୟ ସଚିବାଳୟର ବିଭିନ୍ନ ସେବା ଏହି ବିଭାଗ ଅଧୀନରେ ସୁପରିଚାଳିତ ହୋଇଥାଏ । ଏତଦ୍‌ବ୍ୟତୀତ, ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ବାହିନୀ ସମ୍ବନ୍ଧୀୟ କାର୍ଯ୍ୟ ଏହି ବିଭାଗ ପରିସରଭୁକ୍ତ । ସାଂସଦ ଓ ବିଧାୟକମାନଙ୍କ ନିର୍ବାଚନ ପରିଚାଳନା ଦାୟିତ୍ୱ ସ୍ୱରାଷ୍ଟ୍ର ବିଭାଗହିଁ ସମ୍ପାଦନ କରିଥାଏ । ସାଧାରଣ ପ୍ରଶାସନ କ୍ଷେତ୍ରରେ ସାମରିକ ସେବା ତଥା ପ୍ରତିରକ୍ଷା ପ୍ରକଳ୍ପ ଆଦି ପ୍ରତିଷ୍ଠା ପାଇଁ ପ୍ରତିରକ୍ଷା ବିଭାଗ ସହିତ ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରିବାରେ ଏହା ଏକ ସଂଯୋଗ ସେତୁ । ରାଜ୍ୟର କୂଟନୀତି ଆଚାର ବିଷୟକ ବ୍ୟବସ୍ଥା ଓ ଅତିଥି ଚର୍ଚ୍ଚା (ପ୍ରୋଟୋକଲ୍ ), ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନ ଓ ଓଡ଼ିଶା ନିବାସ ଏବଂ କୋଲକାତାରେ ଥିବା ଉତ୍କଳ ଭବନ ସର୍ବୋପରି ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନର ପ୍ରଶାସନିକ ନିୟନ୍ତ୍ରଣ ତଥା ସୁପରିଚାଳନା ସ୍ୱରାଷ୍ଟ୍ର ବିଭାଗର ଅନିବାର୍ଯ୍ୟ ଦାୟିତ୍ୱ ।

# ପ୍ରଥମ ଅଧ୍ୟାୟ

## 1. ଆରକ୍ଷୀ ପ୍ରଶାସନ :

### 1.1 ଆଇନ ଶୃଙ୍ଖଳା ପରିସ୍ଥିତି :

**1.1.1** ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ସନ୍ତୋଷଜନକ । ବିଭିନ୍ନ ଗୋଷ୍ଠୀର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ କୌଶଳ ଓ ଦକ୍ଷତାର ସହ ନିୟନ୍ତ୍ରଣ କରାଯାଇଛି । ଛାତ୍ର, ଶ୍ରମିକ ତଥା କୃଷକମାନଙ୍କର ଆନ୍ଦୋଳନ ହୋଇନାହିଁ । ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଛି । ଆଇନ ଶୃଙ୍ଖଳା ନିମିତ୍ତ କଟକ ଓ ଭୁବନେଶ୍ୱରରେ 20 ଗୋଟି ଭ୍ରାମ୍ୟମାଣ ପେଟ୍ରୋଲିଂ ଶାଖା, 8 ଗୋଟି ବିଶେଷ କାର୍ଯ୍ୟସମ୍ପାଦନ ଦଳ ଓ ଭୁବନେଶ୍ୱରସ୍ଥିତ ଇନ୍ଫୋସିଟି ଠାରେ ଏକ ଥାନା ଚଳିତ ବର୍ଷ ସ୍ଥାପନ କରାଯାଇଛି ।

### 1.1.2 ବାମପକ୍ଷ ଚରମପନ୍ଥୀଙ୍କ କାର୍ଯ୍ୟ କଳାପ :

ବାମପକ୍ଷ ଚରମପନ୍ଥୀଙ୍କ କାର୍ଯ୍ୟ କଳାପ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଓଡିଶାରେ ଚାଲୁ ରହିଛି । ଯଥା ସମ୍ଭବ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ପରିସ୍ଥିତିରେ 17 ଥର ଗୁଳିଚାଳନା କରାଯାଇଛି । ସ୍ଥୂଳତଃ, 5 ଥର ଦଙ୍ଗା କରୁଥିବା ଜନତାଙ୍କୁ ଘଉଡାଇବା, 5 ଥର ଅପରାଧୀଙ୍କୁ ନିୟନ୍ତ୍ରଣ କରିବା, 6 ଥର ଅସ୍ତ୍ରଶସ୍ତ୍ର ସଜିତ ଚରମପନ୍ଥୀଙ୍କୁ ମୁକାବିଲା କରିବା, ସର୍ବୋପରି ଗୋଟିଏ ଥର ହିଂସ୍ର ଭାଲୁକ ଆକ୍ରମଣରୁ ବ୍ଲକ୍ ଚେୟାରମ୍ୟାନଙ୍କୁ ରକ୍ଷା କରିବା ସମୟରେ ଗୁଳିଚାଳନା ଅନିବାର୍ଯ୍ୟ ହୋଇଥିଲା ।

### 1.1.3 ବନ୍ଦ, ରାସ୍ତାରୋକ ଏବଂ ରେଳରୋକ ଆନ୍ଦୋଳନ :

2006 ମସିହାରେ ବିରୋଧୀଦଳ ଓ ଅନ୍ୟାନ୍ୟ ସଂଗଠନମାନେ 55 ଥର ବନ୍ଦ, 339 ରାସ୍ତାରୋକ ଓ 21 ଥର ରେଳ ରୋକ ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନକୁ କୌଶଳ ଓ ଧୈର୍ଯ୍ୟ ସହକାରେ ନିୟନ୍ତ୍ରଣ କରାଯାଇଥିଲା । କୌଣସି ବଡ ଧରଣର ଘଟଣା ଘଟି ନଥିଲା । ଏହି ଆନ୍ଦୋଳନଗୁଡିକ ମୁଖ୍ୟତଃ ସ୍ଥାନୀୟ ଅସୁବିଧାକୁ ନେଇ କରାଯାଇଥିଲା ।

**1.1.4 ସାମ୍ପ୍ରଦାୟିକ ସଦ୍‌ଭାବ :**

ମୁମ୍ବାଇରେ ଧାରାବାହିକ ବୋମା ବିସ୍ଫୋରଣ, ବାରାଣାସୀ ସଙ୍କଟ ମୋଚନ ମନ୍ଦିରରେ ଆତଙ୍କବାଦୀଙ୍କ ଆକ୍ରମଣ ଭଳି ସାମ୍ପ୍ରଦାୟିକ ଦଙ୍ଗାର ଆଶଙ୍କା ଥିବା ସତ୍ତ୍ୱେ ରାଜ୍ୟର ସାମ୍ପ୍ରଦାୟିକ ସଦ୍‌ଭାବ ଉତ୍ତମ ଥିଲା । ରାମ ନବମୀ, ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ମହମ୍ମଦଙ୍କ ଜନ୍ମଦିନ ଓ ଇଦୁଲଫିତର ପ୍ରଭୃତି ପର୍ବପର୍ବାଣି ପୋଲିସଙ୍କ ସୁପରିଚାଳନା ହେତୁ ବିନା ଗଣ୍ଡଗୋଳରେ ଅନୁଷ୍ଠିତ ହୋଇଥିଲା । 33 ଟି ହିନ୍ଦୁ-ମୁସଲମାନ, 14ଟି ହିନ୍ଦୁ-ଖ୍ରୀଷ୍ଟିୟାନ ଅଶାନ୍ତି 30.11.06 ସୁଦ୍ଧା ଘଟିଥିଲେ ମଧ୍ୟ ପ୍ରଶାସନିକ ପଦକ୍ଷେପ ଯୋଗୁଁ ସାମ୍ପ୍ରଦାୟିକ ମତଭେଦ ଦୂରେଇ ଦିଆଯାଇପାରିଥିଲା ।

**1.1.5 ଶ୍ରମିକ ଓ ସେବା :**

2006 ମସିହାରେ ରାଜ୍ୟରେ କୌଣସି ଶ୍ରମିକ ଅଶାନ୍ତି ଘଟିନାହିଁ । ମାତ୍ର କେତେକ ଶିଳ୍ପାନୁଷ୍ଠାନରେ ଛଟେଇ ଶ୍ରମିକଙ୍କ ପୁନଃ ନିଯୁକ୍ତି, ସମାନ କାର୍ଯ୍ୟପାଇଁ ସମାନ ଦରମା, ଗୋଡି ଶ୍ରମିକଙ୍କ ଚାକିରି ସର୍ତ୍ତାବଳୀ ନିରୂପଣ, ସର୍ବୋପରି ବକେୟା ପାଉଣା ନିମନ୍ତେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ, ଧାରଣା, ରାସ୍ତାରୋକ, ପ୍ରତିବାଦ ସଭା, ପଟୁଆର ସଭା ଆଦି କରିଥିଲେ । ଏଥିରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିଲା । ଓଡିଶା ଶିକ୍ଷକ ଓ କର୍ମଚାରୀଙ୍କ ଏକ ମିଳିତ ପଟୁଆର ତା.15.2.06 ରିଖରେ ପି.ଏମ୍.ଜି. ଛକ ନିକଟରେ ଅନୁଷ୍ଠିତ ହୋଇଥିଲ । ଏଥିରେ 25,000 (1500 ମହିଳା) କର୍ମଚାରୀ 50 ଭାଗ ମହଙ୍ଗା ଭତ୍ତା ମୂଳ ଦରମାରେ ମିଶ୍ରଣପାଇଁ ତଥା ଅବସର ସମୟ 60 ବର୍ଷକୁ ବୃଦ୍ଧି ଇତ୍ୟାଦି ବିଷୟରେ ଦାବି ଉପସ୍ଥାପନ କରିଥିଲେ । ରାଜ୍ୟ ସରକାର ଏହାକୁ ବିଚାରକରି 50 ଭାଗ ମହଙ୍ଗା ଭତ୍ତା ମୂଳ ଦରମା ସହ ମିଶ୍ରଣ କରିବା ଏବଂ ଛୁଟିଜନିତ ଦୂରଯାତ୍ରା ରିଆତି (ଏଲ୍.ଟି.ସି.) ନିମିତ୍ତ ପୂର୍ବରୁ ଥିବା ସୁବିଧା ତା. 01.04.2006 ରିଖରୁ ଗ୍ରହଣ କରିଛନ୍ତି ।

ଏହାଛଡା, ବର୍ଷ ମଧ୍ୟରେ ବିଭିନ୍ନ ସେବାସଂଘ ଓ ଶ୍ରମିକମାନଙ୍କ ଆନ୍ଦୋଳନକୁ କୌଶଳତାର ସହିତ ନିୟନ୍ତ୍ରଣ କରାଯାଇଥିଲା ।

**1.1.6 ଶିଳ୍ପ ସମ୍ବନ୍ଧୀୟ :**

ରାଜ୍ୟ ସରକାର ବିଭିନ୍ନ ଶିଳ୍ପ ନିମନ୍ତେ ଘରୋଇ କମ୍ପାନୀ ଓ ଶିଳ୍ପ ସଂସ୍ଥାସହ କେତେକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହା ଫଳରେ ଓଡିଶାର ଦ୍ରୁତ ଶିଳ୍ପାୟନ

ନିମିତ୍ତ ଉଦ୍ଦିଷ୍ଟ ବହୁ ଶିଳ୍ପାଞ୍ଚଳ ଯଥା- ଯାଜପୁରର କଳିଙ୍ଗ ନଗର, ଜଗତସିଂହପୁରର ପାରାଦ୍ୱୀପ, ଅନୁଗୁଳ ଓ ଢେଙ୍କାନାଳର କେତେକାଞ୍ଚଳ, ଝାରସୁଗୁଡା, କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ଓ ରାୟଗଡାର କାଶୀପୁରରେ ଶିଳ୍ପ ଗଢି ଉଠିଛି । ଏହି ଦ୍ରୁତ ଶିଳ୍ପାୟନରେ ବାସଚ୍ୟୁତ, ସ୍ଥାନାନ୍ତରିତ, ବିରୋଧୀ ମନୋଭାବଯୁକ୍ତ, ବିରୋଧୀ ରାଜନୈତିକ ଦଳ, ଶିଳ୍ପ ବିରୋଧୀ ଦଳମାନେ ରାସ୍ତାରୋକ, ଧାରଣା, ଶୋଭାଯାତ୍ରା ଇତ୍ୟାଦି କରିଛନ୍ତି । ସେମାନଙ୍କର କର୍ମ ନିଯୁକ୍ତି, ପୁନଃ ଥଇଥାନ ଓ ପରିବେଶ ସୁରକ୍ଷା ଇତ୍ୟାଦି ଦାବି ଜଣାଇଛନ୍ତି ।

ଏହି ଶିଳ୍ପାୟନ ବିରୋଧୀ ଆନ୍ଦୋଳନ ଗୁଡିକୁ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରାଯାଉଛି । ସରକାର ମଧ୍ୟ ସ୍ଥାନୀୟ ବାସିନ୍ଦା, ଆଦିବାସୀ ଓ ବିସ୍ଥାପିତ ଲୋକମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ କ୍ଷତିପୂରଣ, ପୁନଃ ଥଇଥାନ, ପୁନଃ ସ୍ଥାପନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ।

### 1.1.7 ଛାତ୍ର ଅଶାନ୍ତି :

2006 ବର୍ଷରେ ଛାତ୍ର ଅଶାନ୍ତି ହୋଇନାହିଁ । ତଥାପି, ଡାକ୍ତରୀ ଓ ବୈଷୟିକ ଅନୁଷ୍ଠାନରେ 27% ଓବିସି କୋଟା ଚାଲୁରଖିବା ନିମିତ୍ତ ଦାବି ହୋଇଛି । ଏହାର ପ୍ରତିବାଦରେ ସରକାରୀ ମେଡିକାଲ କଲେଜର ସ୍ନାତକ, ସ୍ନାତକୋତ୍ତର ଓ ହାଉସ ସର୍ଜନ ଛାତ୍ରଗଣ ଏପ୍ରିଲ ଓ ମେ, 2006 ରେ କାମବନ୍ଦ ଆନ୍ଦୋଳନ, ପଟୁଆର, ଦୀପ ଶୋଭାଯାତ୍ରା ପ୍ରଭୃତି କରିଥିଲେ ।

ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ର ନିର୍ବାଚନ ତା.26.09.2006 ରିଖ ସୁଦ୍ଧା ନିର୍ବିଘ୍ନରେ ଶେଷ ହୋଇଥିଲା । କିନ୍ତୁ ନୟାଗଡ ମହାବିଦ୍ୟାଳୟର ଜଣେ ଛାତ୍ରକୁ ତାର ଜଣେ ପ୍ରତିଦ୍ୱନ୍ଦ୍ୱୀ ଛାତ୍ର ତା.31.10.2006 ରିଖରେ ହତ୍ୟା କରିବା ଘଟଣା ନିର୍ବାଚନଜନିତ ଥିଲା । ହତ୍ୟାକାରୀର ଗିରଫ ଦାବିରେ ଛାତ୍ର ଏବଂ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ରାସ୍ତାରୋକ ଆନ୍ଦୋଳନ ହୋଇଥିଲା । ଏହାଛଡା ଆଦିବାସୀ ଅଞ୍ଚଳର ସ୍କୁଲମାନଙ୍କରେ ଓଲଚିକି ଶିକ୍ଷକ ନିଯୁକ୍ତି ଏବଂ ଓଡିଆଭାଷା ପରିବର୍ତ୍ତେ ସାନ୍ତାଳି ଭାଷାର ବହି ଏବଂ ଓଲଚିକି ଲିପିର ପ୍ରଚଳନ ପାଇଁ ସର୍ବଭାରତୀୟ ଓଲଚିକି ଛାତ୍ର ସଂଘ ତରଫରୁ ତା.28.11.06 ରିଖରେ 24 ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ କରାଯାଇଥିଲା ।

ଏହି ଆନ୍ଦୋଳନ ସମୟରେ ପୋଲିସ ବିଭାଗର ତତ୍ପରତା ଓ ଶାସନଗତ ବିଚକ୍ଷଣତା ବଳରେ କୌଣସି ଅପ୍ରୀତିକର ଘଟଣାର ସୂତ୍ରପାତ୍ର ହୋଇ ନଥିଲା ।

### 1.1.8 ବାମଦଳ ଚରମପନ୍ଥୀ :

- ରାଜ୍ୟ ସରକାରଙ୍କର ବିହିତ ପଦକ୍ଷେପ ଫଳରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଚଳିତ ବର୍ଷ ବିନା ପ୍ରତିବନ୍ଧକରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କାର୍ଯ୍ୟକ୍ରମ ଚାଲୁ ରହିଛି ।
- ନକ୍ସଲ ମୁକାବିଲା କ୍ଷେତ୍ରରେ ନିରାପତ୍ତା ବାହିନୀ କୌଣସି ମାନବାଧିକାର ଉଲ୍ଲଙ୍ଘନ କରିଥିବାର ଅଭିଯୋଗ ମିଳିନାହିଁ ।
- ମାଓବାଦୀଙ୍କ ଦ୍ୱାରା ଜାତିଗତ ଓ ଭୂମି ସମ୍ପର୍କୀୟ ଅସୁବିଧାର ଫାଇଦା ଉଠାଇବା ଘଟଣାକୁ ସୁଯୋଗ ନଦେଇ ସମୁଚିତ ପଦକ୍ଷେପ ନିଆଯାଇଛି ।
- ଶିଳ୍ପାୟନ କ୍ଷେତ୍ରରେ ପୁନଃଥଇଥାନ ଓ ବିସ୍ଥାପିତମାନଙ୍କ ନିମିତ୍ତ ରାଜ୍ୟ ସରକାର ଏକ ଆଖି ଦୃଶିଆ ପୁନଃଥଇଥାନ ଓ ବିସ୍ଥାପିତ ନୀତି ପ୍ରଣୟନ କରିଛନ୍ତି ।
- ନକ୍ସଲପନ୍ଥୀମାନଙ୍କୁ ହିଂସା ମାର୍ଗରୁ ନିବୃତ୍ତକରି ମୁଖ୍ୟ ସ୍ରୋତରେ ସାମିଲକରିବା ଓ ଥଇଥାନ ନିମନ୍ତେ ରାଜ୍ୟ ସରକାର ବ୍ୟାପକ ଆତ୍ମସମର୍ପଣ ଓ ଥଇଥାନ ନୀତି ପ୍ରସ୍ତୁତ କରିଛନ୍ତି ।
- ଅନ୍ୟ ରାଜ୍ୟ ତୁଳନାରେ ଚଳିତ ବର୍ଷ (16 ନଭେମ୍ବର ସୁଦ୍ଧା) ନକ୍ସଲମାନଙ୍କ ହିଂସାତ୍ମକ କାର୍ଯ୍ୟ ବହୁ ମାତ୍ରାରେ କମି ଯାଇଛି । ମାତ୍ର 36 ଟି ଘଟଣାରେ 25 ଜଣ (3 ଜନସାଧାରଣ, 4 ନିରାପତ୍ତା ବାହିନୀ ଏବଂ 18 ନକ୍ସଲ କର୍ମୀ) ନିହତ ହୋଇଛନ୍ତି । ତୁଳନାତ୍ମକ ଭାବରେ ତା.30.09.2006ରିଖ ସୁଦ୍ଧା ଚତ୍ତିଶଗଡରେ 560 ଘଟଣାରେ 341 ଜଣ, ଝାଡଖଣ୍ଡରେ 228 ଘଟଣାରେ 91 ଜଣ, ଆନ୍ଧ୍ରରେ 146 ଘଟଣାରେ 36 ଜଣ, ବିହାରରେ 78ଟି ଘଟଣାରେ 36 ଜଣ ମୃତ୍ୟୁ ବରଣ କରିଥିବା ଜଣାଯାଇଛି ।
- ନିରାପତ୍ତାରକ୍ଷୀମାନେ 64ଟି ଲ୍ୟାଣ୍ଡ ମାଇନ, କ୍ଲେମୋର ମାଇନ, ଗ୍ରେନେଡ୍ସ, ପେଟ୍ରୋଲ ବମ୍ ଏବଂ 55 ଟି ବନ୍ଧୁକ ନକ୍ସଲ ମୁକାବିଲା ସମୟରେ ଉଦ୍ଧାର କରିଥିଲେ ।
- ନିରାପତ୍ତାରକ୍ଷୀମାନେ 42 ଜଣ ସକ୍ରିୟ ମାଓବାଦୀ କର୍ମୀଙ୍କୁ (7-ରାୟଗଡା, 8-ମାଲକାନଗିରି, 20-ଗଜପତି, 1-କନ୍ଧମାଳ, 3-ରାଉରକେଲା, 3-ସମ୍ବଲପୁର

ଜିଲ୍ଲାରେ) ଗିରଫ କରିଛନ୍ତି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମାଓବାଦୀ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ ଶୋଭା ଓରଫ ଶିଲା, ବୁଦୁନି ମୁଣ୍ଡା ଓରଫ ମାରାଣ୍ଡି ଏବଂ ତା.୨୪.୦୩.୨୦୦୬ ରିଖରେ ଆର.ଉଦୟଗିରି ଠାରେ ମାଓବାଦୀ କର୍ମୀମାନଙ୍କ ଦ୍ୱାରା ସଂଘଟିତ ଦୁର୍ଘଟଣାରେ ସାମିଲ ହୋଇଥିବା ୧୨ ଜଣ ସି.ପି.ଆଇ ( ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ) କର୍ମୀ ଅନ୍ତର୍ଭୁକ୍ତ ।

- 24.03.2006 ତାରିଖରେ ଗଜପତି ଜିଲ୍ଲାର ଆର.ଉଦୟଗିରି ଘଟଣା ବ୍ୟତୀତ ମାଲକାନଗିରି ଓ ଗଜପତି ଜଲ୍ଲାରେ ମାଓବାଦୀଙ୍କ ଦ୍ୱାରା ନିରାପତ୍ତାରକ୍ଷୀଙ୍କ ଉପରେ କୌଣସି ସଂଗଠିତ ଆକ୍ରମଣ ହୋଇନାହିଁ କିମ୍ବା କୌଣସି ଧନ-ଜୀବନ ହାନି ହୋଇନାହିଁ ।
- 2005 ମସିହାରେ 15 ଜଣଙ୍କ ମୃତ୍ୟୁ ହୋଇଥିବା ସ୍ଥଳେ ଚଳିତ ବର୍ଷ ହିସାବରେ 7 ଜଣଙ୍କ ମୃତ୍ୟୁ ଘଟିଛି । ନିରାପତ୍ତା ବାହିନୀ 16ଟି ଘଟଣାରେ ମାଓବାଦୀ ସଂଗ୍ରାମୀଙ୍କୁ ଆକ୍ରମଣ କରି 18 ସି.ପି.ଆଇ (ମାଓବାଦୀ) କର୍ମୀଙ୍କୁ ମାରିଛନ୍ତି । ଏହା ଭିତରେ କେତେକ ଉଚ୍ଚ ପାହ୍ୟାର ବ୍ୟକ୍ତି ଅଛନ୍ତି । 2005 ମସିହାରେ 6 ଜଣ ମାଓଉଗ୍ରବାଦୀ (3 ପୋଲିସ କାର୍ଯ୍ୟାନୁଷ୍ଠାନରେ, 3 ଆକସ୍ମିକ ବିସ୍ଫୋରଣରେ ) ମୃତ୍ୟୁ ବରଣ କରିଥିଲେ ।

### 1.1.9 ଜାତିଗତ ବିଶୃଙ୍ଖଳା :

କେନ୍ଦ୍ରାପଡାର ରାଜନଗର ଥାନା ଅନ୍ତର୍ଗତ କେରଡାଗଡଠାରେ ବିଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଦଳିତ ସ୍ତ୍ରୀ ଲୋକମାନଙ୍କର ଜଗନ୍ନାଥ ମନ୍ଦିର ପ୍ରବେଶକୁ ଭିତ୍ତିକରି ସବର୍ଣ୍ଣ ଓ ହରିଜନମାନଙ୍କ ମଧ୍ୟରେ ଜାତିଗତ ପ୍ରତିକ୍ରିୟା ପରିଲକ୍ଷିତ ହୋଇଥିଲା । ମାତ୍ର ଏହାକୁ କେରଡାଗଡ ଓ ଏହାର ଆଖପାଖର ସବର୍ଣ୍ଣ ଓ ମନ୍ଦିର ପୂଜକଙ୍କ ଦ୍ୱାରା ବିରୋଧ କରାଯାଇଥିଲା । ଏହାପରେ ଭୁବନେଶ୍ୱରଠାରେ ତା.1.11.2006 ରିଖରେ ଲୋହିଆ ବିଚାର ମଞ୍ଚର ସଭ୍ୟମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଏକାଠି ହୋଇଥିଲେ । ଏହା ବ୍ୟତୀତ, ଏହି ଅଞ୍ଚଳର ପ୍ରାୟ 2000 ସବର୍ଣ୍ଣ ମାନଙ୍କ ଦ୍ୱାରା ତା. 2.11.2006 ରିଖରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇ "ସବର୍ଣ୍ଣ ସୁରକ୍ଷା କମିଟି" ଗଠିତ ହୋଇଥିଲା । ଏହି କମିଟିରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ ନିମନ୍ତେ ଅନୁମତି ନ ଦେବାକୁ ସ୍ଥିର କରାଯାଇଥିଲା । ହରିଜନମାନେ

ମଧ୍ୟ "କେରଡାଗଡ ମନ୍ଦିର ପ୍ରବେଶ ଦଳିତ ମଞ୍ଚ" ନାମରେ ଏକ ଅନୁରୂପ କମିଟି ଗଠନ କରିଥିଲେ । ଏହା ପରେ ତା.14.12.2006 ରିଖରେ ହରିଜନମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ଏହା ପୂର୍ବରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା ତାଙ୍କର ତା.05.12.2006 ରିଖରେ ଏକ ନିଷ୍ପତ୍ତି ଅନୁଯାୟୀ ହିନ୍ଦୁମାନେ ମନ୍ଦିର ଭିତରକୁ ପ୍ରବେଶ କରି ପାରିବେ ବୋଲି ଘୋଷଣା କରିଥିଲେ । ରାଜ୍ୟ ପ୍ରଶାସନ ଏହାକୁ ଅନୁମତି ଦେଇଥିଲେ ।

ଉକ୍ତ ଘଟଣା ପରେ ପୂଜା ଓ ମନ୍ଦିରର କାର୍ଯ୍ୟନିର୍ଘଣ୍ଟ ମନ୍ଦିର ପୂଜକଙ୍କ ଦ୍ୱାରା ବନ୍ଦ ହୋଇଯାଇଥିଲା । ତା.17.12.2006 ରିଖ ଦିନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, କଟକ ଜିଲ୍ଲାପାଳ ଓ ଏସ୍.ପି., କେନ୍ଦ୍ରାପଡାଙ୍କ ଉପସ୍ଥିତିରେ ଉଭୟ ହରିଜନ ଓ ସବର୍ଣ୍ଣଙ୍କର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସୁରେନ କୁମାର ସ୍ୱାଇଁ ଓ ଅନ୍ୟ 20 ଜଣ ସବର୍ଣ୍ଣଙ୍କ ପକ୍ଷରୁ ତଥା ଶତ୍ରୁଘ୍ନ ମହାଳିକ ହରିଜନଙ୍କ ପକ୍ଷରୁ ଯୋଗ ଦେଇଥିଲେ । ଦୀର୍ଘ ସମୟ ଆଲୋଚନା ପରେ ସବର୍ଣ୍ଣ ସଭ୍ୟ ଏକ ପ୍ରସ୍ତାବ ଦେଇଥିଲେଯେ, ହରିଜନମାନେ ସେମାନଙ୍କର ଦର୍ଶନ ନବକଣା ନିକଟରୁ କରିବେ । ଅପର ପକ୍ଷରେ ମନ୍ଦିରର ପ୍ରଥମ ପାହାଚ ଉପରୁ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ହରିଜନମାନେ ପ୍ରସ୍ତାବ ରଖିଥିଲେ । ସେ ଯାହାହେଉ, ନବକଣା ନିକଟରେ ଏକ ଗ୍ରିଲ୍‌ଗେଟ୍ ସ୍ଥାପନ କରାଯିବା ସହିତ ମନ୍ଦିରର ପ୍ରଥମ ପାହାଚ ଉପରେ ଗୋଟିଏ କାଷ୍ଠ ଦଣ୍ଡ ପ୍ରତିବନ୍ଧକ ସ୍ୱରୂପ ରଖାଯିବ । ଉଭୟ ପକ୍ଷ ସେହିଠାରେ ରହି ଦର୍ଶନ ଓ ପୂଜା କାର୍ଯ୍ୟ ତା.17.12.2006 ରିଖରୁ କରିବା ପାଇଁ ସ୍ଥିର ହେଲା ।

## 1.2 ଅପରାଧ ପରିସ୍ଥିତି :

ରାଜ୍ୟରେ 2004 ମସିହାରେ 62,514 ଟି ଏବଂ 2005 ମସିହାରେ 65,029ଟି ଧର୍ତ୍ତବ୍ୟ ଅପରାଧ ଘଟିଥିବା ବେଳେ, 2006 ମସିହାରେ 65,552 ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ ହୋଇଥିଲା । ଏଣୁ ଏହି ଅପରାଧ ସଂଖ୍ୟା ପୂର୍ବବର୍ଷ ଘଟିଥିବା ଅପରାଧ ସଂଖ୍ୟାର ପାଖାପାଖି ସୀମା ଅତିକ୍ରମ କରିଛି । ଉପରୋକ୍ତ 65,552ଟି ଅପରାଧ ମଧ୍ୟରୁ 9,244ଟି ଅପରାଧ ଅବକାରୀ ଆଇନ ଅନ୍ତର୍ଗତ ।

ଧର୍ତ୍ତବ୍ୟ ଅପରାଧର ଏକ ତୁଳନାତ୍ମକ ବିବରଣୀ ନିମ୍ନୋକ୍ତ ସାରଣୀରେ ପ୍ରଦତ୍ତ ହେଲା :

| କ୍ରମିକ ସଂଖ୍ୟା | ଅପରାଧ ଶୀର୍ଷ | ରିପୋର୍ଟ ହୋଇଥିବା ଅପରାଧ | | | ତୁଳନାତ୍ମକ ବୃଦ୍ଧି / ହ୍ରାସ ଶତକଡା ହିସାବରେ | | ଅଭିଯୋଗ ଫର୍ଦ୍ଦ ଦାଖଲ | ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତି ହେଲାଭଳି ମାମଲା | 2006 ମସିହାରେ ସଂଧାନର ଶତକଡା ହାର |
|---|---|---|---|---|---|---|---|---|---|
| | | 2004 | 2005 | 2006 | 2005 | 2004 | | | |
| (1) | (2) | (3) | (4) | (5) | (6) | (7) | (8) | (9) | (10) |
| 1. | ମୋଟ ଧର୍ତ୍ତବ୍ୟ ଅପରାଧ | 62,514 | 65,029 | 65,552 | +0.8 | +4.8 | 42,200 | 12,648 | 86.2 |
| 2. | ହତ୍ୟା | 1,066 | 1,079 | 1,159 | +7.4 | +8.7 | 605 | 368 | 86.4 |
| 3. | ଡକାୟତି | 238 | 234 | 315 | +34.6 | +32.3 | 142 | 86 | 73.7 |
| 4. | ଲୁଣ୍ଠନ | 952 | 998 | 1,184 | +18.6 | +24.3 | 528 | 227 | 65.4 |
| 5. | ସିନ୍ଧିଚୋରି | 2,992 | 3,029 | 3,120 | +3.0 | +4.2 | 1,026 | 260 | 41.9 |
| 6. | ଚୋରି | 5,967 | 6,743 | 6,567 | -2.6 | +10.0 | 2,863 | 678 | 55.2 |
| 7. | ପ୍ରତାରଣା | 805 | 1,040 | 1,364 | +31.1 | +69.4 | 406 | 366 | 66.2 |
| 8. | ଦଙ୍ଗା | 1,433 | 1,515 | 1535 | +1.3 | +7.1 | 639 | 690 | 89.7 |
| 9. | ଧର୍ଷଣ | 770 | 779 | 985 | +23.2 | +27.9 | 542 | 365 | 94.7 |
| 10. | ମୋଟରଯାନ ଦୁର୍ଘଟଣା | 7,278 | 7,593 | 7,729 | +1.7 | +6.1 | 5,178 | 1,784 | 90.5 |

## 1.3 ରାଜ୍ୟ ପୋଲିସ ବାହିନୀ ଆଧୁନିକୀକରଣ :

**1.3.1** ରାଜ୍ୟରେ ପୋଲିସ ବାସଗୃହ ତଥା କାର୍ଯ୍ୟାଳୟ ଗୃହନିର୍ମାଣ, ଆଧୁନିକ ଉପକରଣ ଆହରଣ ଏବଂ ଗମନାଗମନ କ୍ଷେତ୍ରରେ ଉନ୍ନତି ଓ ଦ୍ରୁତ କ୍ରିୟାଶୀଳତା ସହିତ ଆଧୁନିକୀକରଣ ପଥରେ ରାଜ୍ୟ ପୋଲିସ ଅଗ୍ରସର। ରାଜ୍ୟ ଫରେନ୍‌ସିକ୍ ବିଜ୍ଞାନାଗାରଗୁଡ଼ିକ ମଧ୍ୟ ଅତ୍ୟାଧୁନିକ ବୈଜ୍ଞାନିକ ସରଞ୍ଜାମରେ ସୁସଜ୍ଜିତ।

**1.3.2** 2006-07 ଆର୍ଥିକ ବର୍ଷରେ ପୋଲିସ ଆଧୁନିକୀକରଣ ନିମନ୍ତେ ବାର୍ଷିକ କ୍ରିୟାନୁଷ୍ଠାନ ଯୋଜନା 30.67 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଥିଲା। ଏହି ଯୋଜନାରେ 75:25 ଅନୁପାତରେ କେନ୍ଦ୍ର ସରକାର 23.00 କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଯୋଗାଇବା ତଥା ରାଜ୍ୟ ତାର ଅନୁରୂପ ଅଂଶଧନ ବାବଦ 7.67 କୋଟି ଟଙ୍କା ବ୍ୟବସ୍ଥା କରିବା ପାଇଁ ସ୍ଥିରୀକୃତ ହୋଇଥିଲା । ଏଥି ମଧ୍ୟରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ଓଡ଼ିଶା ରାଜ୍ୟ ପୋଲିସ ଗୃହନିର୍ମାଣ ଓ କଲ୍ୟାଣ

ନିଗମକୁ 11.53 କୋଟି ଏବଂ ଗୋଳାବାରୁଦ କାରଖାନା ବୋର୍ଡକୁ 9.05 କୋଟି, ଏପରି ମୋଟ 20.58 କୋଟି ଟଙ୍କା କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ପ୍ରଦାନ କରିଅଛନ୍ତି । 30.67 କୋଟି ଟଙ୍କାର ବାର୍ଷିକ କାର୍ଯ୍ୟକାରୀ ଯୋଜନା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ନିମ୍ନୋକ୍ତ ପ୍ରକାରେ ଅନୁମୋଦିତ ହୋଇଥିଲା । ସେଗୁଡ଼ିକର ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:

(ଲକ୍ଷ ଟଙ୍କାରେ)

| କ୍ରମିକ ସଂଖ୍ୟା | ଉପାଦାନ | କେନ୍ଦ୍ରୀୟ ସହାୟତା | ରାଜ୍ୟ ଅଂଶଧନ | ମୋଟ |
|---|---|---|---|---|
| 1. | କାର୍ଯ୍ୟାଳୟ ଗୃହ ନିର୍ମାଣ | 1433.88 | - | 1433.88 |
| 2. | ବାସଗୃହ ନିର୍ମାଣ | 598.78 | 8.42 | 607.20 |
| 3. | ଅସ୍ତ୍ରଶସ୍ତ୍ର | 267.34 | 224.78 | 492.12 |
| 4. | ଆରକ୍ଷୀ ସରଞ୍ଜାମ | - | 10.50 | 10.50 |
| 5. | ଗମନାଗମନ | - | 90.00 | 90.00 |
| 6. | ଯୋଗାଯୋଗ | - | 200.71 | 200.71 |
| 7. | କମ୍ପ୍ୟୁଟର | - | 110.43 | 110.43 |
| 8. | ଅପରାଧ ଅନୁସନ୍ଧାନ ଉପକରଣ | - | 0.40 | 0.40 |
| 9. | ନିରାପତ୍ତା/ଗୁଇନ୍ଦାଶାଖା ଉପକରଣ | - | 111.26 | 111.26 |
| 10. | ଫରେନସିକ୍ ବିଜ୍ଞାନାଗାର ସାମଗ୍ରୀ | - | 10.50 | 10.50 |
| | **ମୋଟ:** | **2300.00** | **767.00** | **3067.00** |

**1.3.3** ଉପଲବ୍ଧ ଅର୍ଥରାଶିରେ ରାଜ୍ୟ ପୋଲିସର ଗମନାଗମନ ନିମନ୍ତେ ଯାନବାହନ କ୍ରୟ, ଉନ୍ନତମାନର ଅସ୍ତ୍ରଶସ୍ତ୍ର ଆହରଣ, ପୋଲନେଟ୍ ବ୍ୟବସ୍ଥା ସହିତ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ସାଧନ, ଅପରାଧ ଅନୁସନ୍ଧାନ ଓ ଫରେନ୍‌ସିକ ପରୀକ୍ଷା ନିମନ୍ତେ ନୂତନ ଜ୍ଞାନକୌଶଳଯୁକ୍ତ ସରଞ୍ଜାମ ଆହରଣ, ବିସ୍ଫୋରକ ଦ୍ରବ୍ୟ ସନ୍ଧାନ ଓ ତାକୁ ଅକାମୀ କରିବା ତଥା ବିଭିନ୍ନ ଅନ୍ତର୍ଘାତୀ କାର୍ଯ୍ୟର ମୁକାବିଲା ପାଇଁ ଆବଶ୍ୟକୀୟ ଉପକରଣ, ପୋଲିସର ଦୈନନ୍ଦିନ ବ୍ୟବହାରକ ଉପକରଣ ଏବଂ ଥାନା, ଫାଣ୍ଡି ଆଦି କାର୍ଯ୍ୟାଳୟ ତଥା ପୋଲିସ ବାସଗୃହ ନିର୍ମାଣ କ୍ଷେତ୍ରରେ ବିନିଯୋଗ କରାଯାଉଛି ।

## 1.4 ଅପରାଧ ଅନୁସନ୍ଧାନ ବୈଜ୍ଞାନିକ ବିଜ୍ଞାନାଗାର :

ଭୁବନେଶ୍ୱରର ରସୁଲଗଡଠାରେ ଏକ ରାଜ୍ୟ ଅପରାଧ ଅନୁସନ୍ଧାନ ବିଜ୍ଞାନାଗାର ରହିଛି । ଏତଦ୍‌ବ୍ୟତୀତ, ଆଉ ତିନିଗୋଟି ଆଞ୍ଚଳିକ ଅପରାଧ ଅନୁସନ୍ଧାନ ବିଜ୍ଞାନାଗାର ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱର ଠାରେ ସ୍ଥାପନ କରାଯାଇଛି । ଏହି ରାଜ୍ୟ ଓ ଆଞ୍ଚଳିକ ଅପରାଧ ଅନୁସନ୍ଧାନ ବିଜ୍ଞାନାଗାରମାନଙ୍କରେ ଅପରାଧ ଘଟିଥିବା ସ୍ଥାନ, ଅପରାଧର ଶିକାର ହୋଇଥିବା ବ୍ୟକ୍ତି ବିଶେଷ, ଅଭିଯୁକ୍ତ ବ୍ୟକ୍ତି ବା ମୃତ ବ୍ୟକ୍ତିଙ୍କ ପାଖରୁ ସଂଗୃହୀତ ପ୍ରଦର୍ଶିତ ବସ୍ତୁଗୁଡିକୁ ପରୀକ୍ଷା କରାଯାଇ ଏହାର ରିପୋର୍ଟ ସମ୍ପୃକ୍ତ ନ୍ୟାୟାଳୟ ମାନଙ୍କରେ ଉପସ୍ଥାପନ କରାଯାଇ ଥାଏ । ଉପରୋକ୍ତ ସଂସ୍ଥାର ବୈଜ୍ଞାନିକମାନେ ପୋଲିସ୍ ଅଫିସର ଓ ମେଡିକାଲ ଛାତ୍ରମାନଙ୍କୁ ଅପରାଧ ଅନୁସନ୍ଧାନ ସର୍ବୋପରି ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅପରାଧ ବିଜ୍ଞାନର କାର୍ଯ୍ୟକାରିତା ଓ ଉପାଦେୟତା ଉପରେ ତାଲିମ ପ୍ରଦାନ କରିଥାନ୍ତି । 2006 ମସିହାରେ46,367 ଟି ପ୍ରଦର୍ଶିତ ବସ୍ତୁ ଏହି ବିଜ୍ଞାନାଗାରମାନଙ୍କରେ ପରୀକ୍ଷା କରାଯାଇଥିଲା । ସାତଗୋଟି ସ୍ୱତନ୍ତ୍ର ବିଭାଗକୁ ନେଇ ଏହି ଅପରାଧ ଅନୁସନ୍ଧାନ ବିଜ୍ଞାନାଗାର ଗଠିତ । ପଦାର୍ଥ ବିଜ୍ଞାନ ବିଭାଗ, ପ୍ରକ୍ଷେପକ ବିଜ୍ଞାନ ବିଭାଗ, ରସାୟନ ବିଜ୍ଞାନ ବିଭାଗ, ବିଷ ବିଜ୍ଞାନ ବିଭାଗ, ଜୀବ ବିଜ୍ଞାନ ବିଭାଗ, ଲସୀ ବିଜ୍ଞାନ ବିଭାଗ ଓ ମିଥ୍ୟା ଅନୁସନ୍ଧାନ ବିଭାଗ ଆଦି ଏହା ମଧ୍ୟରେ ଅନ୍ତର୍ଭୁକ୍ତ । ତା. 31.12.2006ରୁ ତା.06.01.2007 ରିଖ ମଧ୍ୟରେ ଅପରାଧ ଅନୁସନ୍ଧାନ ବିଜ୍ଞାନ ଉପରେ ଜନ ସଚେତନତା ସପ୍ତାହ ପାଳନ କରାଯାଇ ଥିଲା । ବର୍ତ୍ତମାନର ଅପରାଧ ବହୁଳ ସମୟରେ ଅପରାଧ ଅନୁସନ୍ଧାନ ସମ୍ପର୍କୀୟ ବିଷୟ ଉପରେ ମୂଲ୍ୟବାନ ମତାମତ ପ୍ରଦାନ କରିବାକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରବୀଣ ବୈଜ୍ଞାନିକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା ।

## 1.5 କମ୍ପ୍ୟୁଟର :

**1.5.1** 1994 ମସିହାରେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥାଙ୍କ ସାହାଯ୍ୟରେ ଅପରାଧ ଅନୁସନ୍ଧାନ ପଦ୍ଧତି କମ୍ପ୍ୟୁଟରିକରଣ କାର୍ଯ୍ୟ

ଆରମ୍ଭ କରାଯାଇଥିଲା । 2006 ମସିହା ଜୁନ ମାସରେ ରାଜ୍ୟର 34ଟି ଜିଲ୍ଲାରେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ କମ୍ପ୍ୟୁଟରିକୃତ ଅପରାଧ ଅପରାଧୀ ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ସମସ୍ତ କମ୍ପ୍ୟୁଟର ଗୁଡିକୁ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ ସେବାରେ ଅନୁବନ୍ଧିତ କରାଯାଇଛି । ଜିଲ୍ଲାସ୍ତରୀୟ ଅପରାଧ ପଞ୍ଜିକରଣ ସଂସ୍ଥାର ସମସ୍ତ ଫଟୋବ୍ୟୁରୋ ଅଧିକାରୀମାନଙ୍କୁ ରାଜ୍ୟ ଅପରାଧ ପଞ୍ଜିକରଣ ସଂସ୍ଥା ଦ୍ୱାରା କମ୍ପ୍ୟୁଟର ଚିତ୍ର ପ୍ରସ୍ତୁତି ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି । ଏହା ସାହାଯ୍ୟରେ ସେମାନେ ସେମାନଙ୍କ ଜିଲ୍ଲାର ଅପରାଧୀମାନଙ୍କର କମ୍ପ୍ୟୁଟରଚିତ୍ର ପ୍ରସ୍ତୁତ କରିପାରିବେ । ଉକ୍ତ ଅପରାଧ ପଞ୍ଜିକରଣ ପଦ୍ଧତିରେ ଜିଲ୍ଲାମାନଙ୍କରୁ ସଂଗୃହୀତ ସର୍ବମୋଟ 17,01,794 ଅପରାଧୀଙ୍କର ତଥ୍ୟାବଳୀ ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥାକୁ ପ୍ରେରଣ କରାଯାଇଛି । ଏହିସବୁ ତଥ୍ୟାବଳୀ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରକୁ ୱେବ୍‌ସାଇଟ୍‌ରେ ସାଧାରଣ ଜନତାଙ୍କ ଉପଲବ୍ଧି ନିମନ୍ତେ ପ୍ରଦାନ କରାଯାଇଛି । ପୋଲିସ କାର୍ଯ୍ୟାଳୟମାନଙ୍କରେ ଯୋଗାଯୋଗକୁ ସୁଗମ କରିବା ନିମନ୍ତେ 34ଟି ଜିଲ୍ଲା, 9ଟି ବାଟାଲିୟନ୍, 17 ଗୋଟି ପ୍ରମୁଖ ପୋଲିସ ପ୍ରତିଷ୍ଠାନଗୁଡିକୁ ଲାନ୍ (LAN) ଏବଂ ଅତିରିକ୍ତ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ଜାତୀୟ ଥାନା କମ୍ପ୍ୟୁଟରିକରଣ ଯୋଜନା ଆନୁକୂଲ୍ୟରେ, ରାଜ୍ୟର 5 ଗୋଟି ଜିଲ୍ଲା ଯଥା: ଅନୁଗୋଳ, ଖୋର୍ଦ୍ଧା, କଟକ, ପୁରୀ ଏବଂ ଗଞ୍ଜାମରେ ଥିବା ସର୍ବମୋଟ 45 ଗୋଟି ଥାନାକୁ କେନ୍ଦ୍ରସରକାରଙ୍କ ପ୍ରଦତ୍ତ ପ୍ରତ୍ୟେକଙ୍କୁ 5ଟି କରି କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ( ଏନ୍.ଆଇ.ସି.) ଦ୍ୱାରା ଉନ୍ନତ ସାଧାରଣ ସମନ୍ୱୟ ଆରକ୍ଷୀ ଉପଯୋଗ ନିମନ୍ତେ ଭାରତ ସରକାର ଓଡିଶା ସମ୍ପର୍କରେ ପୃଷ୍ଠପୋଷକତା ଆବଶ୍ୟକ କରନ୍ତି । ଏହାର ପୃଷ୍ଠପୋଷକତା କରାଗଲେ, ପୋଲିସ ବ୍ୟବସ୍ଥା ଦ୍ୱାରା ହସ୍ତକୃତ ପ୍ରଥାରେ ପରିଚାଳିତ ସମସ୍ତ ଥାନା, ପୋଲିସ ନିର୍ଦ୍ଦେଶାବଳୀ, ପୋଲିସ ମାନୁଆଲ ଓ ପୋଲିସ ପ୍ରଶାସନ ପାଇଁ କେତେକ ଉପଯୁକ୍ତ ନୂତନ ଫର୍ମା, ସିପା ସଫ୍‌ଟ ଓ୍ୟାର (CIPA Software) ସାହାଯ୍ୟରେ ଅବିଚ୍ଛିନ୍ନ ସଂଯୋଗୀକରଣ କରାଯାଇପାରିବ ।

## 1.6 ଅଙ୍ଗୁଳିଛାପ ବ୍ୟୁରୋ, ଭୁବନେଶ୍ୱର :

**1.6.1** 1936 ମସିହା ଏପ୍ରିଲ 1 ତାରିଖ, ଓଡିଶା ପ୍ରଦେଶ ଗଠନ ସମୟରୁ ରାଜ୍ୟ ଅଙ୍ଗୁଳିଛାପ ବ୍ୟୁରୋ ଗଠନ ହୋଇଥିଲା । ତା.31.12.2005ରିଖ ସୁଦ୍ଧା 48,959 ଗୋଟି ଅଙ୍ଗୁଳିଛାପ ରେକର୍ଡ କରାଯାଇଛି । ଅନୁସନ୍ଧାନରତ ଅଫିସରମାନଙ୍କୁ ଇଣ୍ଟରନେଟ୍‌ରେ

ମୂଲ୍ୟଯୁକ୍ତ ସେବା ଉପଲବ୍ଧ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ହୋଇଛି । ରାଜ୍ୟ ଅଙ୍ଗୁଳିଛାପ ବ୍ୟୁରୋ ସହିତ 30 ଗୋଟି ପୋଲିସ୍ ଜିଲ୍ଲା / ଇଉନିଟ୍ ମାନଙ୍କରେ ସ୍ୱୟଂଚାଳିତ ଅଙ୍ଗୁଳିଛାପ ପରିଚୟ ପ୍ରତିପାଦନ ପଦ୍ଧତି କାର୍ଯ୍ୟକାରୀ କରାଯାଇଛି ।

**1.6.2** ଚଳିତ ବର୍ଷ 420 ଜଣ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କ ଅଙ୍ଗୁଳିଛାପ ଥିବା ରେକର୍ଡ ସ୍ଲିପ୍ ହେନେରୀ ପଦ୍ଧତିରେ ପରୀକ୍ଷା କରି ଶ୍ରେଣୀଭୁକ୍ତ କରାଯାଇଥିଲା । 11,155 ଜଣ ଅପରିଚିତ ବ୍ୟକ୍ତିଙ୍କର ଅଙ୍ଗୁଳିଛାପ ସ୍ଲିପ୍ ବ୍ୟୁରୋ ତଥ୍ୟ ଅନୁଯାୟୀ ଅନୁସନ୍ଧାନ କରାଯାଇଥିଲା । 74ଟି ମାମଲାରେ ଅଙ୍ଗୁଳିଛାପ ପରିଚୟ ପ୍ରତିପାଦନ କରାଯାଇଥିଲା । 989ଟି ଅନୁସନ୍ଧାନ ସ୍ଲିପ୍ ତ୍ରୁଟିଯୁକ୍ତ ଛାପ ହୋଇଥିବାରୁ ଫେରାଇ ଦିଆଯାଇଥିଲା । ଅବଶିଷ୍ଟ 10,092ଟି ଅନୁସନ୍ଧାନ ସ୍ଲିପ୍, ଅପରାଧୀର ପରିଚୟ ପ୍ରଦାନ କରିପାରିନଥିଲା । କାରଣ ସେଗୁଡିକର ଅଙ୍ଗୁଳିଛାପ, ବ୍ୟୁରୋରେ ଉପଲବ୍ଧ ନଥିଲା । 445 ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଙ୍କର ଅଙ୍ଗୁଳିଛାପ ରେକର୍ଡ ସ୍ଲିପ୍ ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥା, ନୂଆଦିଲ୍ଲୀକୁ ସେଣ୍ଟ୍ରାଲ ପୁଲ୍‌ରେ ସ୍ଥାୟୀ ରେକର୍ଡ ପାଇଁ ସମର୍ପଣ କରାଯାଇଥିଲା । 7 ଜଣ ଦୋଷୀ ସାବ୍ୟସ୍ତ ଅପରାଧୀଙ୍କର ଅଙ୍ଗୁଳିଛାପ ଶ୍ରେଣୀ ବିଭାଗ ସୂତ୍ର ଜିଲ୍ଲାମାନଙ୍କର ତଥ୍ୟ ଫର୍ଦ୍ଦରେ ଦରଜ କରିବା ପାଇଁ ଯୋଗାଇ ଦିଆଯାଇଥିଲା ।

**1.6.3** 2006 ବର୍ଷରେ 49 ଜଣ ଆରକ୍ଷୀ ଅଧିକାରୀଙ୍କୁ ଅଙ୍ଗୁଳିଛାପ ଓ ପଦ ଚିହ୍ନ ବିଜ୍ଞାନରେ ପ୍ରଶିକ୍ଷଣ ଦିଆଯାଇଥିଲା ।

## 1.7 ହସ୍ତଲିପି ବ୍ୟୁରୋ :

**1.7.1** ଭୁବନେଶ୍ୱରସ୍ଥିତ ହସ୍ତଲିପି ବ୍ୟୁରୋ, ହସ୍ତଲେଖା ଦସ୍ତାବିଜ ପରୀକ୍ଷା କରନ୍ତି ଏବଂ ସୁଚିନ୍ତିତ ମତାମତ ପ୍ରଦାନ କରନ୍ତି । ସେହି ହସ୍ତଲେଖା ଦସ୍ତାବିଜଗୁଡିକ ବିଭାଗୀୟ ଏବଂ ଅପରାଧମୂଳକ ବିବରଣୀ, ଜାଲିଆତି ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ଅଟେ । 2006 ବର୍ଷରେ 196ଟି ମାମଲା ସମ୍ପର୍କରେ 17,122 ଟି ଦସ୍ତାବିଜ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଥିଲା ।

## 1.8 ଫଟୋ ବ୍ୟୁରୋ :

ଭୁବନେଶ୍ୱର ରସୁଲଗଡସ୍ଥିତ ଫଟୋ ବ୍ୟୁରୋ ଅଙ୍ଗୁଳିଛାପ ସମ୍ପର୍କିତ 281ଟି ମାମଲାରେ 2459ଟି ଫଟୋ ଚିତ୍ର ପ୍ରସ୍ତୁତ କରିଥିଲେ । ଅନ୍ୟ 155ଟି ମାମଲାରେ

15,692ଟି ଫଟୋ ପ୍ରସ୍ତୁତ କରିଥିଲେ । 264 ଜଣ ଫେରାର ହୋଇଥିବା ବ୍ୟକ୍ତିଙ୍କର 1147ଟି ଫଟୋ କପି ପ୍ରସ୍ତୁତ କରାଯାଇ ଗଣ ମାଧ୍ୟମକୁ ବିସ୍ତୃତ ପ୍ରଚାର ପାଇଁ ପଠାଯାଇଥିଲା । ଫଟୋ ବ୍ୟୁରୋ ଆଇନ୍ ଶୃଙ୍ଖଳା ସମ୍ବନ୍ଧୀୟ 149ଟି ଘଟଣାର ଭିଡିଓଗ୍ରାଫ୍ କରିଥିଲେ । ଏହି ସଂସ୍ଥା ବିଶିଷ୍ଟ ଏବଂ ଅତି ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କର ଗସ୍ତ ସମୟରେ 22ଟି ସ୍ଥାନରେ ଗଣ ମାଧ୍ୟମ ପ୍ରତିନିଧିମାନଙ୍କୁ ଏବଂ ସେମାନଙ୍କର ସାଜସରଞ୍ଜାମ ଗୁଡିକର ତନଖି କରିଥିଲେ । 84 ଜଣ ଅଧିକାରୀଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ଏବଂ 10 ଜଣ କର୍ମଚାରୀଙ୍କର ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଇଥିଲା ।

**1.9 ଶ୍ୱାନ ବାହିନୀ :**

କ୍ରାଇମବ୍ରାଞ୍ଚ୍ ଦ୍ୱାରା ଅପରାଧ ଅନୁସନ୍ଧାନ ପାଇଁ 1961 ମସିହାରୁ ଶ୍ୱାନ ବାହିନୀ ଓଡିଶା ପୋଲିସର ସେବା କରି ଆସୁଅଛି । 2006 ମସିହାରେ 617ଟି ମାମଲାରେ ଶ୍ୱାନମାନଙ୍କୁ ନିୟୋଜିତ କରାଯାଇଥିଲା । ସେଗୁଡିକ ମଧ୍ୟରୁ 272ଟି ଘଟଣାରେ ଶ୍ୱାନମାନେ ଅନୁସନ୍ଧାନର ସୂତ୍ର ବାହାର କରିଥିଲେ ।

**1.10 ସିଗ୍ନାଲ :**

**1.10.1** ସିଗ୍ନାଲ ପ୍ରତିଷ୍ଠାନ ରାଜ୍ୟ ଆରକ୍ଷୀ ସଂସ୍ଥାର ସ୍ନାୟୁତନ୍ତ୍ର ଅଟେ । ଏହି ସଂସ୍ଥାଦ୍ୱାରା ଦ୍ରୁତ ଖବର ସରବରାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ରକ୍ଷଣାବେକ୍ଷଣ ସହିତ ପି.ଡବ୍ଲ୍ୟୁ.ଜି/ଏମ୍.ସି.ସି. କାର୍ଯ୍ୟକଳାପକୁ ଆୟତ୍ତ କରିବାପାଇଁ ପାଞ୍ଚଗୋଟି ଉଚ୍ଚକ୍ଷମତାସମ୍ପନ୍ନ ରେଡିଓ ଟେଲିଫୋନ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ବିଭିନ୍ନ ଥାନାମାନଙ୍କରେ ଥିବା ଗାଡିରେ ଏବଂ ପି.ସି.ଆର୍. ଗାଡିଗୁଡିକରେ 23 ଗୋଟି ସ୍ଥିର ଏବଂ 36 ଗୋଟି ଭ୍ରାମ୍ୟମାଣ ଭି.ଏଚ୍. ଏଫ୍ (VHF) ସେଟ୍ ଖଞ୍ଜାଯାଇଛି । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ 27 ଗୋଟି ଅସ୍ଥାୟୀ ଏଚ୍.ଏଫ୍. ଏବଂ ଭି.ଏଚ୍.ଏଫ୍. କେନ୍ଦ୍ରମାନ ସ୍ଥାପନ କରାଯାଇଛି । ଏତଦ୍ବ୍ୟତୀତ ପର୍ବପର୍ବାଣି, ବିଶିଷ୍ଟ/ ଅତି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗସ୍ତ, ଉପ ନିର୍ବାଚନ ଓ ସାଧାରଣ ସଭା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ 2680ଟି ସ୍ଥିର/ ଗତିଶୀଳ ଭି.ଏଚ୍.ଏଫ. ସେଟ୍ ଏବଂ 2389 ଗୋଟି ୱାକିଟକି ସେଟ୍ ମୁତୟନ କରାଯାଇଥିଲା । ପୂର୍ବପ୍ରଚଳିତ ପାରାସେବା ମାଧ୍ୟମରେ ଯୋଗାଯୋଗ ସ୍ଥାପନ ବ୍ୟବସ୍ଥାକୁ ସ୍ଥଗିତ ରଖାଯାଇଛି । ପାରାଭାଡି ଗୁଡିକ କେବଳ ମାତ୍ର ସଂଗ୍ରହାଳୟ

ଉଦ୍ଦେଶ୍ୟରେ ସଂରକ୍ଷିତ ହୋଇଛି । ଜିଲ୍ଲା ମୁଖ୍ୟ ପୋଲିସ କାର୍ଯ୍ୟାଳୟରେ ଉପଗ୍ରହ ମାଧ୍ୟମରେ ଯୋଗାଯୋଗ ( V.SAT & MART) ର ପ୍ରଚଳନ ହେବା ଦ୍ୱାରା ରାଜ୍ୟ ଆରକ୍ଷୀ ବାହିନୀର ସିଗ୍ନାଲ ପ୍ରଯୁକ୍ତି ବ୍ୟବସ୍ଥା ଅତି ଉଚ୍ଚମାନରେ ପହଞ୍ଚି ପାରିଛି । 23 ଗୋଟି ବିଭିନ୍ନ ନିର୍ଦ୍ଧାରିତ ସ୍ଥାନରେ 24 ଗୋଟି V.SAT କେନ୍ଦ୍ର ସ୍ଥାପନ କରାଯାଇଛି ।

## 1.11 ପୋଲିସ୍ ମୋଟର ପରିବହନ:

ବର୍ତ୍ତମାନ ପୋଲିସ୍ ମୋଟର ପରିବହନର ଗାଡି ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା ।

| ଭାରିଯାନ | ମଧ୍ୟମ ଯାନ | ହାଲୁକା ଯାନ | ମୋଟର ସାଇକେଲ | ମୋଟ |
|---|---|---|---|---|
| 249 | 472 | 1439 | 1309 | 3469 |

ଏହି ଗାଡିଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ କଟକଠାରେ ଏକ କେନ୍ଦ୍ରୀୟ ମରାମତି କେନ୍ଦ୍ର, ସମ୍ବଲପୁର ଓ ବ୍ରହ୍ମପୁର ଠାରେ 2ଟି ରେଞ୍ଜ୍ ସ୍ତରୀୟ ମରାମତି କେନ୍ଦ୍ର ରହିଛି । ଏହା ବ୍ୟତୀତ, ରାଉରକେଲା ଓ କୋରାପୁଟ ଠାରେ 2ଟି ଆଞ୍ଚଳିକ ଜିଲ୍ଲା ସ୍ତରୀୟ ମରାମତି କେନ୍ଦ୍ର ଓ ବିଭିନ୍ନ ବାଟାଲିୟନ ସଦର ମହକୁମା ଓ ଜିଲ୍ଲାରେ 17 ଗୋଟି କ୍ଷୁଦ୍ର ମରାମତି କେନ୍ଦ୍ର ଅବସ୍ଥିତ । ତା. 31.12.2006 ରିଖ ସୁଦ୍ଧା 58,173ଟି ବଡଧରଣର ଏବଂ 71,649 କ୍ଷୁଦ୍ର ମରାମତି କାର୍ଯ୍ୟ କରାଯାଇଛି । ଭିନ୍ନ ଧରଣର 78ଟି ଅବ୍ୟବହୃତ ଗାଡିର ନିଲାମ କରାଯାଇ ବିକ୍ରୟ ଲବ୍ଧ ଧନ ବାବଦକୁ ପ୍ରାପ୍ତ 7,27,854 ଟଙ୍କା ସରକାରୀ କୋଷାଗାରରେ ଜମା କରାଯାଇଥିଲା ।

## 1.12 ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ :

ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ 24.05.1980 ତାରିଖରେ ପ୍ରତିଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଉଛି:

କ) ରାଜ୍ୟ ସରକାର (ମୁଖ୍ୟତଃ ପୋଲିସ), କେନ୍ଦ୍ର ସରକାର ତଥା ଅର୍ଦ୍ଧ ସରକାରୀ ଆବାସିକ ଓ ଅଣ-ଆବାସିକ ଗୃହ ନିର୍ମାଣ ।

ଖ) ଏହି ସଂସ୍ଥାମାନଙ୍କର ରାସ୍ତା, ଗୃହ ତଥା ଅନ୍ୟାନ୍ୟ ନିର୍ମାଣାଧୀନ ପ୍ରକଳ୍ପଗୁଡିକର ମରାମତି, ରକ୍ଷଣାବେକ୍ଷଣ, ତଥା ପୁନରୁଦ୍ଧାର ।

୨୦୦୬ ମସିହାରେ ନିମ୍ନ ପ୍ରଦତ୍ତ ଗୃହ ନିର୍ମାଣ କରି ସଂପୃକ୍ତ ସଂସ୍ଥାକୁ ହସ୍ତାନ୍ତର କରିଅଛି ।

| ସଂସ୍ଥାମାନଂକର ନାମ | ବାସଗୃହ | ଅଣ ବାସଗୃହ |
|---|---|---|
| ପୋଲିସ | 191 | 27 |
| ଅଗ୍ନିଶମ ସେବା | | 4 |
| କାରାଗାର | 228 | 28 |
| ନ୍ୟାୟପାଳିକା | | 23 |
| ମୋଟ: | 419 | 82 |

# ଦ୍ୱିତୀୟ ଅଧ୍ୟାୟ

2. **କାରାଗାର ପ୍ରଶାସନ :**

2.1 କାରାଗାର ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱରଙ୍କ ପ୍ରଶାସନିକ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାରର 70 ଗୋଟି କାରାଗାର ଅଛି । ତନ୍ମଧ୍ୟରୁ ଜାମୁଝରିଠାରେ 'ବିଜୁପଟ୍ଟନାୟକ ମୁକ୍ତାକାଶ ଆଶ୍ରମ' ନାମରେ ଏକ ମୁକ୍ତାକାଶ କାରାଗାର ଅଛି । ରାଜ୍ୟର 70 ଗୋଟି କାରାଗାରରେ 8637 ଜଣ **ପୁରୁଷ** ଓ 588 **ଜଣ** ମହିଳା ଏହିପରି ମୋଟ 9225 ଜଣ ବନ୍ଦୀ ରହିବାର **ବ୍ୟବସ୍ଥା** ଅଛି । ତା.31.03.2007 ରିଖ ସୁଦ୍ଧା ରାଜ୍ୟର ବିଭିନ୍ନ କାରାଗାରରେ 13281 ଜଣ ପୁରୁଷ , 477 ଜଣ ମହିଳା ଓ 25 ଜଣ ଅନ୍ୟାନ୍ୟ ବନ୍ଦୀ ରହିଛନ୍ତି । ମହିଳା ବନ୍ଦୀଙ୍କ ସହ 6 ବର୍ଷରୁ କମ 56 ଜଣ ଶିଶୁ ମଧ୍ୟ ଏହି କାରାଗାରମାନଙ୍କରେ ଅଛନ୍ତି । ରାଜ୍ୟର ବିଭିନ୍ନ କାରାଗାରରେ 133 ଜଣ ନକ୍ସଲ ବନ୍ଦୀ ରହିଛନ୍ତି ।

2.2 ବନ୍ଦୀମାନଙ୍କ ସୁବିଧା ପାଇଁ କାରାଗାର ନିର୍ଦ୍ଦେଶକଙ୍କ ଅଧୀନରେ ନିମ୍ନଲିଖିତ 55 ଜଣ ଅଧିକାରୀଙ୍କୁ ନେଇ ସଂସ୍କାର ସେବା ସଂସ୍ଥା କାର୍ଯ୍ୟ କରୁଛି ।

| | | | |
|---|---|---|---|
| (କ) | ଆଞ୍ଚଳିକ ପରିବୀକ୍ଷଣ ଅଧିକାରୀ | -- | 03 |
| (ଖ) | ଜିଲ୍ଲା ପରିବୀକ୍ଷଣ ଅଧିକାରୀ | -- | 13 |
| (ଗ) | କେନ୍ଦ୍ରୀୟ ବନ୍ଦୀ ଚରିତ୍ର ସଂଶୋଧନ ଘର (ପୁରୁଷ) | -- | 01 |
| (ଘ) | ପ୍ରୋବେଶନ ଛାତ୍ରାବାସ | -- | 01 |
| (ଙ) | କାରାଗାର ସଂସ୍କାର ଅଧିକାରୀ | -- | 19 |
| (ଚ) | ଉତ୍ତର ପରିଚର୍ଯ୍ୟା ଶିବିର | -- | 01 |
| (ଛ) | ଉପପ୍ରଭାଗ ପରିବୀକ୍ଷଣ ଅଧିକାରୀ | -- | 17 |
| | ମୋଟ: | -- | **55** |

ଚଳିତ ବର୍ଷ 9 ଜଣ କାରାଅଧିକାରୀ ରାଷ୍ଟ୍ରପତିଙ୍କ ପ୍ରଶଂଶନୀୟ ସଂସ୍କାର ସେବା ପଦକ ଏବଂ ପ୍ରଥମ ଥର ପାଇଁ ଜଣେ କାରାଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସଂସ୍କାର ସେବା ପଦକ ପ୍ରଦାନ କରାଯାଇଛି ।

2.3 ବ୍ରହ୍ମପୁରଠାରେ ରାଜ୍ୟର ଏକମାତ୍ର କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟ ଅବସ୍ଥିତ । ଏଠାରେ କାରାଗାର ଅଧିକାରୀ, ପରିବୀକ୍ଷଣ ଅଧିକାରୀ ଓ କାରାରକ୍ଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ। ଏହି ପ୍ରଶିକ୍ଷଣ ବିଦ୍ୟାଳୟର ପାଠ୍ୟଖସଡା ପର୍ଯ୍ୟାଲୋଚନା କରାଯାଇ ଅପରାଧ ବିଜ୍ଞାନ ଓ ମାନବାଧିକାର ବିଷୟ ନୂତନ କରି ଅନ୍ତର୍ଭୁକ୍ତ କରାଯାଇଛି । ସଂସ୍କାର ସେବାର ଗୁରୁତ୍ୱ ଦୃଷ୍ଟିରୁ ପରିବୀକ୍ଷଣ ଅଧିକାରୀମାନଙ୍କୁ ନିୟମିତ କେନ୍ଦ୍ରୀୟ ଅପରାଧ ବିଜ୍ଞାନ ଅନୁଷ୍ଠାନ, ନୂଆଦିଲ୍ଲୀକୁ ପ୍ରଶିକ୍ଷଣ ପାଇଁ ପଠାଯାଉଛି । କାରାଗାରରେ ମାନବାଧିକାର ସମ୍ବନ୍ଧୀୟ କର୍ମଶାଳା, କେନ୍ଦ୍ରୀୟ ମାନବାଧିକାର କମିଶନ ଓ ପୋଲିସ ଗବେଷଣା ଉନ୍ନୟନ ପରିଷଦ, ନୂଆଦିଲ୍ଲୀଙ୍କ ଆନୁକୂଲ୍ୟରେ ବୁର୍ଲା ଓ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି ।

ଚଳିତ ବର୍ଷ କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟରେ ନିମ୍ନଲିଖିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

(କ) 9 ଜଣ ଜେଲ ଅଧିକାରୀଙ୍କୁ ତା.05.04.2006 ରିଖ ରୁ ତା.05.10.2006 ରିଖ ପର୍ଯ୍ୟନ୍ତ ମୌଳିକ ପ୍ରଶିକ୍ଷଣ ପ୍ରଦାନ ।

(ଖ) 18 ଜଣ ମୁଖ୍ୟ କାରାରକ୍ଷୀ ଓ କାରାରକ୍ଷୀଙ୍କୁ ତା.17.04.2006 ରିଖ ଠାରୁ ତା.06.05.2006 ରିଖ ପର୍ଯ୍ୟନ୍ତ ପୁନରାବୃତ୍ତି ପ୍ରଶିକ୍ଷଣ ।

(ଗ) 29 ଜଣ ଚୁକ୍ତିବଦ୍ଧ ରକ୍ଷୀ ଓ ଗୃହରକ୍ଷୀଙ୍କୁ ତା.01.07.2006 ରିଖ ଠାରୁ ତା. 21.07.2006 ରିଖ ପର୍ଯ୍ୟନ୍ତ ସଂକ୍ଷିପ୍ତ ପ୍ରଶିକ୍ଷଣ ।

(ଘ) 25 ଜଣ ରକ୍ଷୀ ଓ ମୁଖ୍ୟ ରକ୍ଷୀଙ୍କୁ ତା.13.11.2006 ରିଖ ରୁ ତା.01.08.2007 ରିଖ ପର୍ଯ୍ୟନ୍ତ ମୌଳିକ ପ୍ରଶିକ୍ଷଣ ଚାଲୁରହିଛି ।

## 2.4 କାରାଗାର ଆଧୁନିକୀକରଣ ଓ ସଂସ୍କାର :

**2.4.1** 2002-03 ମସିହାରୁ କାରାଗାରର ଆଧୁନିକୀକରଣ ଆରମ୍ଭ ହୋଇ 2006-07 ରେ ଶେଷ ହୋଇଛି । ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର 75:25 ରେ ବାର୍ଷିକ 21.47 କୋଟି (ପ୍ରଥମ 4 ବର୍ଷ ପାଇଁ ) ଏବଂ ଚଳିତ ବର୍ଷ 21.52 କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରିଛନ୍ତି । ବିଗତ 3 ବର୍ଷ ମଧ୍ୟରେ ଶେଷ ହୋଇଥିବା ବା ଶେଷ ହେବା ଅବସ୍ଥାକୁ ଆସିଥିବା ପ୍ରକଳ୍ପମାନଙ୍କ ବିବରଣୀ ପ୍ରଦତ୍ତ ହେଲା ।

( ଟଙ୍କା ଲକ୍ଷରେ )

| କ୍ରମିକ ସଂଖ୍ୟା | ପ୍ରକଳ୍ପର ନାମ | 2004-2005 | | 2005-2006 | | 2006-2007 | |
|---|---|---|---|---|---|---|---|
| | | ଜେଲ ସଂଖ୍ୟା | ପରିମାଣ | ଜେଲ ସଂଖ୍ୟା | ପରିମାଣ | ଜେଲ ସଂଖ୍ୟା | ପରିମାଣ |
| (1) | (2) | (3) | (4) | (5) | (6) | (7) | (8) |
| 1. | ନୂଆ ସବ୍‌ଜେଲ ଓ କର୍ମଚାରୀ ବାସଗୃହ | 5 (ପ୍ରତ୍ୟେକ 300 କ୍ଷମତା ବିଶିଷ୍ଟ ) | 1332.00 | 5 (ପ୍ରତ୍ୟେକ 300 କ୍ଷମତା ବିଶିଷ୍ଟ) | 788.50 | 1 (ପ୍ରତ୍ୟେକ 300 କ୍ଷମତା ବିଶିଷ୍ଟ ) | 91.00 |
| 2. | ଅତିରିକ୍ତ ୱାର୍ଡ | 13 (ମୋଟ 910 କ୍ଷମତା ବିଶିଷ୍ଟ ) | 278.00 | 11 (ମୋଟ 885 କ୍ଷମତା ବିଶିଷ୍ଟ) | 178.80 | 15 (ମୋଟ 790 କ୍ଷମତା ବିଶିଷ୍ଟ ) | 67.00 |
| 3. | ଜଳ ଯୋଗାଣ | 9 | 18.00 | 8 | 12.20 | 13 | 6.50 |
| 4. | ପରିମଳ | 12 (ମୋଟ ସଂଖ୍ୟା 155 ) | 31.00 | 10 (ମୋଟ ସଂଖ୍ୟା 155 ) | 18.00 | 15 (ମୋଟ ସଂଖ୍ୟା 115) | 5.40 |
| 5. | କର୍ମଚାରୀଙ୍କ ବାସ ଗୃହ | 13 (ମୋଟ ସଂଖ୍ୟା 141 ) | 488.00 | 22 (ମୋଟ ସଂଖ୍ୟା 136 ) | 290.70 | 19 (ମୋଟ ସଂଖ୍ୟା 121 ) | 161.00 |
| 6. | ଉନ୍ନତିକରଣ | -- | -- | -- | -- | 18 (ମୋଟ ସଂଖ୍ୟା 49 ) | 264.80 |

**2.4.2** 2006 ମସିହାରେ 13 ଟି ନୂତନ ସବ୍ ଜେଲ୍, 14 ଟି ଅତିରିକ୍ତ ୱାର୍ଡ, 275 ସଂଖ୍ୟକ ସେପ୍‌ଟିକ୍ ପାଇଖାନା, 20 ଟି ଜଳଯୋଗାଣ ପ୍ରକଳ୍ପ ଏବଂ 327 ସଂଖ୍ୟକ କର୍ମଚାରୀ ବାସଗୃହ ନିର୍ମାଣ କରାଯାଇଛି ।

**2.4.3** 2006-07 ଆର୍ଥିକ ବର୍ଷରେ ପାତ୍ରପୁରଠାରେ ଏକ ନୂତନ ସବ୍‌ଜେଲ ନିର୍ମାଣ କରାଯାଉଛି । ଏହାବ୍ୟତୀତ, କେନ୍ଦ୍ରାପଡା ଓ ନୟାଗଡ ସବ୍ ଜେଲର ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି । କାରାଗାରମାନଙ୍କରେ ଜୀବନଧାରଣର ମାନ ଉନ୍ନତି ପାଇଁ ଓ ଅତ୍ୟଧିକ ଭିଡ ନକରିବାକୁ ଜେଲ ଆଧୁନିକୀକରଣ ଯୋଜନାରେ 6300 ବନ୍ଦୀଙ୍କ ପାଇଁ 21 ଟି ନୂଆ ସବ୍‌ଜେଲ, 4225 ବନ୍ଦୀଙ୍କ ପାଇଁ 59 ଟି ଅତିରିକ୍ତ ୱାର୍ଡ ନିର୍ମାଣ ସହ 595 ଟି ସେପ୍‌ଟିକ୍ ପାଇଖାନା, 714 ଟି କର୍ମଚାରୀ

ବାସଗୃହ ଏବଂ 45 ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା କରାଯାଇଛି । ଏଥିପାଇଁ 5 ବର୍ଷରେ ମୋଟ ବ୍ୟୟ ଅଟକଳ 107.40 କୋଟି ଟଙ୍କା ରଖାଯାଇଛି ।

**2.4.4** କାରାଗାର ଅନ୍ତେବାସୀମାନଙ୍କ ଖାଦ୍ୟ ବ୍ୟୟକୁ ଯଥାକ୍ରମେ 34 ଟଙ୍କା (ବିଚାରାଧୀନ ବନ୍ଦୀଙ୍କ ପାଇଁ) ଏବଂ 35 ଟଙ୍କା (କଏଦୀମାନଙ୍କ ପାଇଁ) କୁ ବୃଦ୍ଧି କରାଯାଇଛି । ଅନ୍ତଃସତ୍ତ୍ୱା ମହିଳାବନ୍ଦୀ ଓ ମହିଳାବନ୍ଦୀଙ୍କ ସହ ଥିବା ଶିଶୁମାନଙ୍କ ପାଇଁ ଖାଦ୍ୟପେୟ ଇତ୍ୟାଦିର ବ୍ୟବସ୍ଥା ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି ।

## 2.5 ବନ୍ଦୀମାନଙ୍କ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା :

ରାଜ୍ୟର 34 ଟି କାରାଗାର ଚିକିତ୍ସାଳୟରେ 326 ଟି ଶଯ୍ୟାର ବ୍ୟବସ୍ଥା ରହିଛି । ଚୌଦ୍ୱାର ଜେଲରେ ରାଜ୍ୟର ସର୍ବବୃହତ କାରାଗାରଚିକିତ୍ସାଳୟ ରହିଛି । ଏତଦ୍‌ବ୍ୟତୀତ, ବ୍ରହ୍ମପୁର, ବାରିପଦା, ସମ୍ବଲପୁର, ଭୁବନେଶ୍ୱରଆଦି ଜେଲରେ ମଧ୍ୟ ଚିକିତ୍ସାଳୟର ସୁବିଧା ଅଛି । ନୂତନ କରି ନିର୍ମାଣ କରାଯାଉଥିବା ସମସ୍ତ 21 ଗୋଟି ସବ୍‌ଜେଲରେ କାରାଗାର ଚିକିତ୍ସା ବ୍ୟବସ୍ଥା କରାଯିବାର ଯୋଜନା ଅଛି ।

କୁଷ୍ଠ, ବାତଜ୍ୱର, ଏଡସ୍ , ଯକ୍ଷ୍ମା, କ୍ୟାନସର ଇତ୍ୟାଦି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ବନ୍ଦୀମାନଙ୍କୁ ସରକାରୀ ଚିକିତ୍ସାଳୟକୁ ପଠାଯାଉଛି । ମହିଳା ବନ୍ଦୀଙ୍କ ସହ ଥିବା ଶିଶୁମାନଙ୍କୁ ପ୍ରତିଷେଧକ ଦିଆଯାଉଛି । ମାନସିକ ରୋଗୀମାନଙ୍କ ପାଇଁ ଚିକିତ୍ସା ଓ ଔଷଧର ବ୍ୟବସ୍ଥା କରାଯାଇଛି ।

2006-07 ଆର୍ଥିକ ବର୍ଷରେ ବନ୍ଦୀମାନଙ୍କ ଚିକିତ୍ସା ଓ ଔଷଧ ପାଇଁ ମୋଟ 68 ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । କଳିଙ୍ଗ ହସ୍‌ପିଟାଲ୍‌ରେ 3 ଜଣ ବନ୍ଦୀଙ୍କ ହୃଦରୋଗ ଚିକିତ୍ସା ପାଇଁ 4.50 ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

## 2.6 କାରାଗାରରେ ଶିକ୍ଷା ବ୍ୟବସ୍ଥା :

ଜିଲ୍ଲା କାରାଗାରମାନଙ୍କରେ ନିରକ୍ଷର ବନ୍ଦୀମାନଙ୍କୁ ସାକ୍ଷର କରିବା ପାଇଁ କାରାଗାର ଶିକ୍ଷକ ନିଯୁକ୍ତ ହୋଇଛନ୍ତି ।

30 ହଜାର ଟଙ୍କା ବ୍ୟୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ 37 ସେଟ୍ ପାଠ୍ୟ ପୁସ୍ତକ କିଣାଯାଇ ଅନ୍ତେବାସୀଙ୍କ ଶିକ୍ଷା ପାଇଁ ପ୍ରଦାନ କରାଯାଇଛି । ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ମାଧ୍ୟମରେ ଅନ୍ତେବାସୀଙ୍କୁ ଉଚ୍ଚ

ଶିକ୍ଷାର ସୁବିଧା ଦିଆଯାଉଛି । ପ୍ରଭାତ ଚନ୍ଦ୍ର ସ୍ୱାଇଁ ନାମକ ଜଣେ ବନ୍ଦୀ ଚଳିତ ବର୍ଷ ଏମ୍.ଏ. ପରୀକ୍ଷା ଦେଇଛନ୍ତି ଏବଂ ଅନ୍ୟ 4 ଜଣ ବନ୍ଦୀ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ଏ ସମସ୍ତ ବନ୍ଦୀ ଚୌଦ୍ୱାର ସର୍କଲ ଜେଲର ଅନ୍ତେବାସୀ । ସମସ୍ତ କାରାଗାରରେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ବ୍ୟବସ୍ଥା କରାଯାଇଛି ।

## 2.7 କାରାଗାର ଶିଳ୍ପ :

24 ଟି କାରାଗାରରେ ବିଭିନ୍ନ ଶିଳ୍ପ ବ୍ୟବସ୍ଥା ଅଛି । ବନ୍ଦୀମାନେ ପ୍ରଶିକ୍ଷଣ ନେଇ ଉତ୍ପାଦନ କାର୍ଯ୍ୟ କରୁଛନ୍ତି । ଚଳିତ ବର୍ଷ ' ବିଜୁପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ', ଜାମୁଝରିଠାରେ ଉତ୍ପାଦନଭିତ୍ତିକ ପ୍ରଶିକ୍ଷଣ ବ୍ୟବସ୍ଥା ଆରମ୍ଭ କରାଯାଇଛି । କାରାଗାର ଶିଳ୍ପରୁ ଫିନାଇଲ୍, ଅଗରବତି, ଖଲି ଥାଳି ଓ ଗିନା, ଗାମୁଛା, ଦରି, ବେଡ୍‌ସିଟ୍ ଇତ୍ୟାଦି ଉତ୍ପାଦିତ ହେଉଛି । ଭୁବନେଶ୍ୱରର ମହିଳା ବନ୍ଦୀମାନଙ୍କ ଦ୍ୱାରା ପ୍ରସ୍ତୁତ 'ରେଡି ଟୁ ଇଟ୍' ଛତୁଆ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଉଛି । ଜାମୁଝରି ମୁକ୍ତାକାଶ ଆଶ୍ରମରେ 40 ଜଣ ବନ୍ଦୀଙ୍କୁ ନେଇ ଏକ ସମବାୟ ସମିତି ଗଠନ କରାଯାଇଛି । ଏଥିରୁ ପ୍ରଶିକ୍ଷଣ ପାଇଥିବା ବନ୍ଦୀମାନଙ୍କୁ କ୍ଷୁଦ୍ର ଶିଳ୍ପ ନିଗମ ତରଫରୁ ପ୍ରମାଣପତ୍ର ଦିଆଯିବ । ସେମାନଙ୍କ ମୁକ୍ତି ପରେ ପୁର୍ନବାସ ପାଇଁ ଉକ୍ତ ପ୍ରମାଣପତ୍ର ସହାୟକ ହେବ । 2006-07 ଆର୍ଥିକ ବର୍ଷରେ ଜେଲଶିଳ୍ପ ବିକ୍ରିରୁ 9 ଲକ୍ଷ 6 ହଜାର ଟଙ୍କା ରାଜସ୍ୱ ସଂଗୃହୀତ ହୋଇଥିବା ବେଳେ 7 ଲକ୍ଷ 2 ଶହ 83 ଟଙ୍କାର ଶିଳ୍ପଜାତ ସାମଗ୍ରୀ ବନ୍ଦୀମାନେ ବ୍ୟବହାର କରିଛନ୍ତି ।

## 2.8 ଆଧ୍ୟାତ୍ମିକ ଓ ଧାର୍ମିକ କାର୍ଯ୍ୟକ୍ରମ :

ବନ୍ଦୀମାନଙ୍କ ମାନସିକ ଶାନ୍ତି ଓ ନୈତିକ ଚେତନାର ବିକାଶ ପାଇଁ କେତେକ ବେସରକାରୀ ଅନୁଷ୍ଠାନ ସହାୟତାରେ ଯୋଗ, ଧ୍ୟାନ, ଆଲୋଚନା ଚକ୍ର, ପ୍ରବଚନ, ଭଜନ-କୀର୍ତ୍ତନ ଆଦି ବିଭିନ୍ନ କାରାଗାରରେ ଅନୁଷ୍ଠିତ ହେଉଛି । ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ତରଫରୁ 23 ଟି କାରାଗାରରେ ନିୟମିତ ରାଜଯୋଗ ଆଲୋଚନା ଚକ୍ର ଅନୁଷ୍ଠିତ ହେଉଛି ।

## 2.9 ସାଂସ୍କୃତିକ କାର୍ଯ୍ୟକ୍ରମ :

ସମସ୍ତ ଧର୍ମର ବଡବଡ ପର୍ବ ପର୍ବାଣି ଯଥା- ଦଶହରା, ରଜ, ବଡଦିନ, ଇଦୁଲଫିତର, ରଥଯାତ୍ରା, ରକ୍ଷାବନ୍ଧନ ଇତ୍ୟାଦି କାରାଗାରରେ ପାଳିତ ହୁଏ ।

ଏତଦ୍‌ଭିନ୍ନ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଓ ଉତ୍କଳ ଦିବସ ପରି ଜାତୀୟ ପର୍ବ ମଧ୍ୟ କାରାଗାରମାନଙ୍କରେ ପାଳନ କରାଯାଉଛି । ଏହି ସବୁ ପର୍ବ ପର୍ବାଣିରେ କ୍ରୀଡ଼ା ପ୍ରତିଯୋଗିତା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । କେବଳ ଅନ୍ତେବାସୀଙ୍କ ଦ୍ୱାରା ନାଟକ-ସଂଗୀତ ସମାରୋହ, ନୃତ୍ୟ, ପାଲା, କବିତାବୃତ୍ତି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ଚେସ୍, ଲୁଡୁ, କ୍ୟାରମ୍ ପରି ଅନ୍ତର୍ଗୃହ କ୍ରୀଡ଼ା ଓ ଭଲିବଲ, କବାଡ଼ି ଓ କ୍ରିକେଟ ପରି ଗୃହ ବାହାରେ ଆୟୋଜିତ କ୍ରୀଡ଼ାରେ ଅନ୍ତେବାସୀମାନେ ଅଂଶ ଗ୍ରହଣ କରନ୍ତି । ବିଶେଷ କ୍ରୀଡ଼ା ପ୍ରତିଯୋଗିତା ଉଭୟ କାରାଗାର ଭିତରେ ଓ ବାହାରେ କରାଯିବାର ବ୍ୟବସ୍ଥା ଅଛି । ମନୋରଞ୍ଜନ ପାଇଁ ବନ୍ଦୀମାନଙ୍କୁ ଟେଲିଭିଜନ, ପାଠାଗାର, ଦୈନିକ ଓ ସାପ୍ତାହିକ ସମ୍ବାଦପତ୍ର ଓ ଅନ୍ୟାନ୍ୟ ପତ୍ର ପତ୍ରିକା ଯୋଗାଇ ଦିଆଯାଉଛି ।

## 2.10 ମୁକ୍ତାକାଶ ଆଶ୍ରମ :

ରାଜାଧାନୀ ଭୁବନେଶ୍ୱର ଉପକଣ୍ଠରେ ଜାମୁଝରିଠାରେ ରାଜ୍ୟର ଏକମାତ୍ର ମୁକ୍ତାକାଶ କାରାଗାର 'ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ' ଅବସ୍ଥିତ । ବର୍ତ୍ତମାନ ସେଠାରେ 73 ଜଣ କଏଦୀ ଅଛନ୍ତି । କୃଷିକାର୍ଯ୍ୟ, ଉଦ୍ୟାନ କାର୍ଯ୍ୟ ଓ ବିଭିନ୍ନ ଶିଳ୍ପ କାର୍ଯ୍ୟରେ ଅନ୍ତେବାସୀମାନେ ନିୟୋଜିତ ।

ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅରୂପା ମିଶନ' ଏହି କାରାଗାରକୁ ସୌର ବିଦ୍ୟୁତ ଯୋଗାଉଛି । ଫଳରେ ଜଳସେଚନ ସହ ବନ୍ଦୀ ପ୍ରକୋଷ୍ଠମାନଙ୍କରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା ହୋଇପାରୁଛି । କାରାଗାର ଉତ୍ପାଦନର ବିକ୍ରୟ ବ୍ୟବସ୍ଥା ମଧ୍ୟ ଏହି ମିଶନ ଦ୍ୱାରା କରାଯାଉଛି । ମିଶନର ସହାୟତାରେ ବିଭିନ୍ନ କିସମର ଫୁଲ, ଫଳ ଏବଂ ଉଦ୍ଭିଦ-ଡିଜେଲ ପ୍ରସ୍ତୁତ କାରୀ 'ଜଟ୍ରୋପା' ଗଛ ଏଠାରେ ଚାଷ କରାଯାଉଛି । ଏଠାକାର ଅନ୍ତେବାସୀମାନେ ସ୍ଥାନୀୟ ଡାକ୍ତରଖାନା ଓ ମନ୍ଦିର ବେଢାକୁ ସ୍ୱେଚ୍ଛାକୃତ ଭାବେ ପରିଷ୍କାର କରିଥାନ୍ତି ।

## 2.11 ବନ୍ଦୀ ପୁନର୍ବାସ :

2006 ମସିହାରେ ଦାରିଦ୍ର୍ୟସୀମାରେଖା ତଳେ ଥିବା 5 ଟି ବନ୍ଦୀ ପରିବାରକୁ 2 ହଜାର ଟଙ୍କା ଲେଖାଁଏ ସହାୟତା ପ୍ରଦାନ କରାଯାଇଛି । ଏହି ଅର୍ଥରେ

ସେମାନେ ଛୋଟ ଦୋକାନ ତଥା ସିଲାଇ ଆଦି ଜୀବିକା ଆପଣେଇଛନ୍ତି । ବୁଢିଆ ମୁର୍ମୁ ନାମକ ଜଣେ ବନ୍ଦୀଙ୍କୁ ମୁକ୍ତିପରେ ଏକ ପମ୍ପସେଟ୍ ସହ ଆନୁସଙ୍ଗିକ ଉପକରଣ ଯୋଗାଇ ଦିଆଯାଇଛି । ଏହାଦ୍ୱାରା ସେ ତାଙ୍କ ନିଜ ଜମିରେ ଚାଷକାର୍ଯ୍ୟ କରି ଜିବୀକାର୍ଜନ କରୁଛନ୍ତି ।

## 2.12 ବନ୍ଦୀଙ୍କୁ ମୁକ୍ତି ଓ ସାମୟିକ ଅବକାଶ :

2006 ମସିହାରେ 70 ଜଣ ବନ୍ଦୀ ପାରୋଲ ଛୁଟିରେ ଓ 92 ଜଣ ବନ୍ଦୀ ଫର୍ଲୋ ଛୁଟିରେ ସାମୟିକ କାରାମୁକ୍ତ ହୋଇଛନ୍ତି । 79 ଜଣ ଆଜୀବନ ବନ୍ଦୀ ଏହି ବର୍ଷ ମଧ୍ୟ କାରାମୁକ୍ତ ହୋଇଛନ୍ତି । ଜିଲ୍ଲା ଆଇନ ସହାୟତା କମିଟି ଓ ରାଜ୍ୟ ଆଇନ ସହାୟତା ସେଲ୍ ମାଧ୍ୟମରେ ବନ୍ଦୀମାନଙ୍କୁ ଆବଶ୍ୟକୀୟ ଆଇନଗତ ସହାୟତା ପ୍ରଦାନ କରାଯାଉଛି ।

# ତୃତୀୟ ଅଧ୍ୟାୟ

3. **ଗୃହରକ୍ଷୀ :**

3.1 ଗୃହରକ୍ଷୀ ସଂସ୍ଥାର ସ୍ୱେଚ୍ଛାସେବୀମାନେ ପୋଲିସର ଏକ ସାହାଯ୍ୟକାରୀ ଅଂଶଭଳି କାର୍ଯ୍ୟ କରିଥାନ୍ତି । ସେମାନେ ଆଭ୍ୟନ୍ତରୀଣ ନିରାପତ୍ତା, ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଫେରାର ଅପରାଧୀକୁ ଧରିବା, ବିଶିଷ୍ଟ ବ୍ୟକ୍ତିମାନଙ୍କ ନିରାପତ୍ତା, ଯାନବାହନ ନିୟନ୍ତ୍ରଣ, ରାତ୍ରୀ ପ୍ରହରା ଏବଂ ଜଗୁଆଳି କାର୍ଯ୍ୟ ଗୁଡିକରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ସାହାଯ୍ୟ କାର୍ଯ୍ୟରେ ସେମାନେ ସେମାନଙ୍କର ସେବା ପ୍ରଦାନ କରିଥାନ୍ତି ।

3.2 ବର୍ତ୍ତମାନ ଆମରାଜ୍ୟର ଗୃହରକ୍ଷୀସଂସ୍ଥାରେ ତାଲିକାଭୁକ୍ତ କରାଯାଇଥିବା ଗୃହରକ୍ଷୀ ସଂଖ୍ୟାକୁ 11,832 ରୁ 15,000 କୁ ବୃଦ୍ଧି କରାଯାଇଛି । ତନ୍ମଧ୍ୟରୁ 7973 ଜଣ ସହରାଞ୍ଚଳ ଓ 7027 ଜଣ ଗ୍ରାମାଞ୍ଚଳ ଗୃହରକ୍ଷୀ ଭାବେ ତାଲିକାଭୁକ୍ତ ହୋଇଛନ୍ତି । ବିଶେଷ କରି କମ୍ପ୍ୟୁଟର ଟାଇପରାଇଟିଂ, ଗାଡିଚାଳନା, ବଢେଇ ବିଦ୍ୟା , କାରିଗରୀ ଓ ଇଲେକ୍ଟ୍ରିକାଲ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିବା 3368 ଜଣ ଉଚ୍ଚ ଯୋଗ୍ୟତା ସମ୍ପନ୍ନ ବଳିଷ୍ଠ ଯୁବକମାନଙ୍କୁ ଚଳିତ ବର୍ଷ ଗୃହରକ୍ଷୀ ସଂସ୍ଥାରେ ଗୃହରକ୍ଷୀ ସ୍ୱେଚ୍ଛାସେବୀ ଭାବେ ଗ୍ରହଣ କରାଯାଇ ବର୍ଦ୍ଧିତ ସ୍ୱେଚ୍ଛାସେବୀ ପଦବୀକୁ ପୂରଣ କରାଯାଇଛି ।

3.3 ଗୃହରକ୍ଷୀ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ସେମାନଙ୍କୁ ରାଜ୍ୟ ବାହାରକୁ ଯଥା : ନାଗପୁର ଏବଂ ହୋମଗାର୍ଡ଼ ଓ ସିଭିଲ ଡିଫେନ୍‌ସଏକାଡେମୀ, ବାଙ୍ଗାଲୋରକୁ ବିଶେଷ ତାଲିମ ନିମନ୍ତେ ପଠାଯାଉଛି । ଚଳିତ ବର୍ଷ ନାଗପୁରରେ ଦିଆଯାଉଥିବା 12-ଆର୍ଥକ୍ୱେକ ଡିଜାଷ୍ଟାର ରେସ୍‌ପନ୍‌ସ ଆଣ୍ଡ ପ୍ରିପ୍ୟାର୍ଡନେସ୍ ମ୍ୟାନେଜ୍‌ମେଣ୍ଟ ଏବଂ 48-ଅଗ୍ରୀମ ତଲାସ ଓ ଉଦ୍ଧାର ପ୍ରଶିକ୍ଷଣ ପାଠ୍ୟକ୍ରମରେ ରାୟଗଡାର ହୋମଗାର୍ଡ ଏସ୍.ରାଜେନ୍ଦ୍ର ପ୍ରସାଦ ଏବଂ ଗଜପତି ଜିଲ୍ଲାର ହୋମଗାର୍ଡ ଭି. ପୁଷ୍ପା ରାଓ ଯୋଗଦାନ କରିଥିଲେ ।

3.4 ସରକାରୀ ଉଦ୍ୟୋଗ / ପ୍ରତିଷ୍ଠାନରେ ସେମାନଙ୍କ ମୁତୟନ ବାବଦରେ ସଂଗ୍ରହ କରାଯାଇଥିବା କ୍ୟାପିଟେସନ୍ ଚାର୍ଜ ରାଜସ୍ୱ ବୃଦ୍ଧିରେ ସାହାଯ୍ୟ କରେ । ଏ ମୁତୟନ ବାବଦରେ ସମ୍ପୃକ୍ତ ସଂସ୍ଥାମାନଙ୍କଠାରୁ ପ୍ରତି ଗୃହରକ୍ଷୀଙ୍କ ପ୍ରତି ଦିନର

ଆଠଘଣ୍ଟା ସେବା ପାଇଁ କ୍ୟାପିଟେସନ୍ ଚାର୍ଜ ଟ.20/- ହିସାବରେ ଚଳିତ ଆର୍ଥିକ ବର୍ଷରେ (2006-07) ସମୁଦାୟ ଟ.1,12,88,159/- ଆଦାୟ କରାଯାଇ ସରକାରୀ କୋଷାଗାରରେ ଜମା ଦିଆଯାଇଛି ।

3.5 ଶ୍ରୀ ସୁରେନ୍ଦ୍ର କୁମାର ସାହୁ, ପ୍ଲାଟୁନ୍ କମାଣ୍ଡର, ହୋମଗାର୍ଡ, କଟକ, ଶ୍ରୀ ରଞ୍ଜନ ଦାସ, ହୋମଗାର୍ଡ, କଟକ ଏବଂ ଶ୍ରୀ ତ୍ରିଲୋଚନ ନାଏକ, କମ୍ପାନୀ କମାଣ୍ଡର, ହୋମଗାର୍ଡ, ସୋନପୁର, ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ସ୍ୱାଧୀନତା ଦିବସ,2006 ରେ ମହାମାନ୍ୟ ରାଷ୍ଟ୍ରପତି ମହୋଦୟଙ୍କ ଦ୍ୱାରା ପଦକ ପ୍ରାପ୍ତ ହୋଇଛନ୍ତି ।

3.6 ପୁରୀର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ସମୟରେ ପ୍ରାୟ 1500 ହୋମଗାର୍ଡ ମୁତୟନ ହୋଇଥିଲେ । ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ଦିବାରାତ୍ର ପେଟ୍ରୋଲିଂ ନିମନ୍ତେ ବ୍ୟବହୃତ ପି.ସି.ଆର ଭ୍ୟାନରେ ଗାଡିଚାଳନା ଜାଣିଥିବା 416 ଜଣ ଗୃହରକ୍ଷୀଙ୍କୁ ଗାଡିଚାଳକ ରୂପେ ବ୍ୟବହାର କରାଯାଇଥିଲା ।

3.7 ଚଳିତ ବର୍ଷ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଦାୟିତ୍ୱ ତୁଲାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ହୋମଗାର୍ଡ ସଂସ୍ଥାର ଜଣେ ଗୃହରକ୍ଷୀ ଏବଂ ଯାଜପୁର ଜିଲ୍ଲା ହୋମଗାର୍ଡ ସଂସ୍ଥାର ଅନ୍ୟ ଜଣେ ଗୃହରକ୍ଷୀ ମୋଟର ଯାନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ମୃତ ଗୃହରକ୍ଷୀ ଦ୍ୱୟଙ୍କ ଉତ୍ତର ଆତ୍ମୀୟ ସ୍ୱଜନଙ୍କୁ ଏକ ଲକ୍ଷ ପଚାଶ ହଜାର ଟଙ୍କା ଲେଖାଁଏ ମରଣୋତ୍ତର ଭତ୍ତା ପ୍ରଦାନ ନିମନ୍ତେ ପ୍ରସ୍ତାବଟି ସରକାରଙ୍କ ସକ୍ରିୟ ବିଚାରାଧୀନ ରହିଛି ।

# ଚତୁର୍ଥ ଅଧ୍ୟାୟ

4. ଅଗ୍ନିଶମ-ସେବା :

4.1 ଓଡିଶା ଅଗ୍ନିଶମ ସେବା ସଂସ୍ଥା ଏକ ଲୋକୋପଯୋଗୀ ସେବା ସଂସ୍ଥା । ଏହି ସଂସ୍ଥା ଧନ ଓ ଜୀବନକୁ ଅଗ୍ନି କବଳରୁ ରକ୍ଷା କରୁଛି । ଅଗ୍ନିଶମ ସେବା କର୍ମଚାରୀମାନଙ୍କୁ ଦୁର୍ବିପାକ ସମୟରେ ସହାୟତା ପ୍ରଦାନ ପାଇଁ ନିୟୋଜନ କରାଯାଇଥାଏ । ରାଜ୍ୟରେ 153 ଗୋଟି ଦମକଳ କେନ୍ଦ୍ର କାର୍ଯ୍ୟ କରୁଛି । ସେଥିମଧ୍ୟରୁ 39 ଗୋଟି ଦମକଳ କେନ୍ଦ୍ର 2001 ରୁ 2003 ମସିହା ମଧ୍ୟରେ ସ୍ଥାପନ କରାଯାଇଥିଲା ।

4.2 2006 ବର୍ଷରେ (ଜାନୁଆରୀ ମାସ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ) 7836 ଗୋଟି ଅଗ୍ନିଶମ ସେବା ଡାକରା ଓ 3519 ଗୋଟି ସ୍ୱତନ୍ତ୍ର ସେବା ଡାକରା ଅଗ୍ନିଶମ ସେବା ସଂସ୍ଥା ଦ୍ୱାରା ସୁଚାରୁ ରୂପେ ସମ୍ପାଦନ କରାଯାଇଥିଲା । ଅଗ୍ନିଶମ ସେବା କର୍ମଚାରୀମାନେ ଅତି ବିଶିଷ୍ଟ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତ ସମୟରେ ଅଗ୍ନି ସୁରକ୍ଷା କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏହି ସଂସ୍ଥା ବିଭିନ୍ନ ମେଳା, ମହୋତ୍ସବରେ ଦୁର୍ଘଟଣା ଜନିତ ପରିସ୍ଥିତି ଓ ଅଗ୍ନି ସୁରକ୍ଷା ଦାୟିତ୍ୱ ନିୟମିତ ଭାବେ ସମ୍ପାଦନ କରିଥାଏ ।

4.3 153 ଗୋଟି ଦମକଳ କେନ୍ଦ୍ର ମଧ୍ୟରୁ 104 ଗୋଟି ଦମକଳ କେନ୍ଦ୍ର ନିଜସ୍ୱ ଗୃହରେ, 11 ଗୋଟି କେନ୍ଦ୍ର ଅନ୍ୟ ବିଭାଗୀୟ ସରକାରୀ ଗୃହ ଏବଂ 38 ଗୋଟି କେନ୍ଦ୍ର ଭଡା ଘରେ କାର୍ଯ୍ୟ କରୁଛି । 2006 ବର୍ଷରେ 31 ଗୋଟି ଦମକଳ କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଅନ୍ୟ 4 ଗୋଟି ଦମକଳ କେନ୍ଦ୍ର ଗୃହ ନିର୍ମାଣାଧୀନ ଅଛି । ଅଗ୍ନିଶମ ସେବା କର୍ମଚାରୀଙ୍କ ନିମିତ୍ତ ବାସଗୃହ ନିର୍ମାଣ ନିମନ୍ତେ 1.20 କୋଟି ଟଙ୍କା ମଧ୍ୟ ଯୋଗାଇ ଦିଆଯାଇଛି । ଏହି ବାସଗୃହଗୁଡିକର ନିର୍ମାଣ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଆସିଲାଣି । 2006-07 ବର୍ଷରେ 12 ଗୋଟି ଦମକଳ କେନ୍ଦ୍ର ଗୃହ ନିର୍ମାଣ ପାଇଁ 3.00 କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

4.4 କେତେକ ଅଗ୍ନିଶମ ସେବା ଅଧିକାରୀ ଓ କର୍ମଚାରୀଙ୍କୁ ଅଗ୍ନିଶମ ସାହସିକତା ପଦକ, ବିଶିଷ୍ଟ ଅଗ୍ନିଶମ ସେବା ପଦକ ଓ ଅଗ୍ନିଶମ ସେବା ପଦକ ପ୍ରଦାନ କରାଯାଇଛି ।

# ପଞ୍ଚମ ଅଧ୍ୟାୟ

## 5. ବେସାମରିକ ପ୍ରତିରକ୍ଷା :

5.1 ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତାକୁ ଆବଶ୍ୟକୀୟ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ବେସାମରିକ ପ୍ରତିରକ୍ଷା ସଂଗଠନ ଗଠନ କରାଯାଇଛି ।

5.2 ବେସାମରିକ ପ୍ରତିରକ୍ଷା ସଂସ୍ଥାର ବାସ୍ତବ ଉଦ୍ଦେଶ୍ୟ ହେଲା: (1) ଜୀବନ ରକ୍ଷା (2) ଧନ ସମ୍ପତ୍ତି ରକ୍ଷା (3) ଉତ୍ପାଦନ ଚାଲୁରଖିବା (4) ଯୁଦ୍ଧ ସମୟରେ ସାଧାରଣ ଜନତାଙ୍କ ନୈତିକ ମନୋବଳ ବୃଦ୍ଧି କରିବା । ଏକ ସ୍ୱେଚ୍ଛାସେବୀ ସଂଗଠନ ହୋଇଥିଲେ ମଧ୍ୟ ଏହା ଦେଶର ପ୍ରତିରକ୍ଷା ସଂସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ।

5.3 ଓଡିଶାର ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ, କୋରାପୁଟ ଓ ତାଳଚେର ଠାରେ ବେସାମରିକ ପ୍ରତିରକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି । ଚଳିତ ବର୍ଷ ଏହି ସଂସ୍ଥା ଦ୍ୱାରା ସ୍ୱେଚ୍ଛାସେବୀମାନଙ୍କୁ ନିମ୍ନଲିଖିତ ତାଲିମ ପ୍ରଦାନ କରାଯାଇଛି ।

| କ୍ର.ନଂ. | ବିଷୟ | ତାଲିମ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀମାନଙ୍କ ସଂଖ୍ୟା |
|---|---|---|
| (i) | ମୌଳିକ ପ୍ରଶିକ୍ଷଣ | 355 |
| (ii) | ଅଗ୍ନିଶମ ପ୍ରଶିକ୍ଷଣ | 80 |
| (iii) | ସମ୍ପୂର୍ଣ୍ଣ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ | 120 |
| (iv) | ୱାର୍ଡେନ ପ୍ରଶିକ୍ଷଣ | 8 |
| (v) | ଉଦ୍ଧାର ପ୍ରଶିକ୍ଷଣ | 24 |

5.4 ବନ୍ୟା ଓ ବାତ୍ୟା ସମୟରେ ଧନ ଜୀବନ ରକ୍ଷା ପାଇଁ 585 ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇଛି ।

5.5 ଏତଦ୍‌ବ୍ୟତୀତ, ବିଶ୍ୱ ରେଡ୍‌କ୍ରସ ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ ଏବଂ ପଲ୍‌ସ ପୋଲିଓ ତଥା ଜାତୀୟ ମେଲେରିଆ ନିରାକରଣ ପ୍ରଭୃତି କାର୍ଯ୍ୟକ୍ରମମାନଙ୍କରେ ବେସମାରିକ ପ୍ରତିରକ୍ଷା ସଂସ୍ଥାର ସ୍ୱେଚ୍ଛାସେବୀମାନେ ସହାୟତା କରିଥାନ୍ତି ।

# ଷଷ୍ଠ ଅଧ୍ୟାୟ

## 6. ନ୍ୟାୟପାଳିକା:

### 6.1 ଫାଷ୍ଟଟ୍ରାକ କୋର୍ଟ

2006-07 ବର୍ଷରେ ରାଜ୍ୟରେ ଥିବା ଫାଷ୍ଟ ଟ୍ରାକ କୋର୍ଟଗୁଡିକୁ ଚାଲୁ ରଖିବା ପାଇଁ କେନ୍ଦ୍ର ସରକାର 196.80 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

### 6.2 ସ୍ୱତନ୍ତ୍ର ବିଦ୍ୟୁତ ଅଦାଲତ

ରାଜ୍ୟରେ ବର୍ଦ୍ଧିତ ବିଦ୍ୟୁତ ଶକ୍ତିର ଚାହିଦାକୁ ଦୃଷ୍ଟିରେ ରଖି, ବିଦ୍ୟୁତ ବାଟମାରଣା ରୋକିବା ପାଇଁ ସରକାର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ବାଲେଶ୍ୱରଙ୍କ ଅଦାଲତ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ବ୍ରହ୍ମପୁରଙ୍କ ଅଦାଲତ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଅତିରିକ୍ତ ଭିଜିଲାନ୍ସ ଜଜ୍, ଭୁବନେଶ୍ୱରଙ୍କ ଅଦାଲତ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, କଟକଙ୍କ, ଅଦାଲତ ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ସମ୍ବଲପୁରଙ୍କ ଅଦାଲତକୁ ସ୍ୱତନ୍ତ୍ର ବିଦ୍ୟୁତ ଅଦାଲତ ରୂପେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି 5 ଗୋଟି ସ୍ୱତନ୍ତ୍ର ବିଦ୍ୟୁତ ଅଦାଲତଗୁଡିକ ନିଜର ଗତାନୁଗତିକ କାର୍ଯ୍ୟ ସହିତ ବିଦ୍ୟୁତ ଅଧିନିୟମ, 2003 ବଳରେ ବିଦ୍ୟୁତ ଚୋରି, ମିଟର ଟ୍ୟାମ୍ପରିଂ ଇତ୍ୟାଦି ଅପରାଧଗୁଡିକର ଫଇସଲା କରିବା ନିମନ୍ତେ କ୍ଷମତା ପ୍ରାପ୍ତ ହୋଇଛନ୍ତି ।

### 6.3 କୋଠାବାଡି ନିର୍ମାଣ

ଓଡିଶା ହାଇକୋର୍ଟରେ ଥିବା ସ୍ଥାନାଭାବର ସମାଧାନ କରିବା ପାଇଁ ରାଜ୍ୟସରକାର 35.00 କୋଟି ଟଙ୍କା ବ୍ୟୟରେ ହାଇକୋର୍ଟ ପରିସରରେ ଏକ ବହୁତଳ ବିଶିଷ୍ଟ ପ୍ରାସାଦ ନିର୍ମାଣ ନିମିତ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।ରାଜ୍ୟର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପଟି ରାଜ୍ୟ ଓ କେନ୍ଦ୍ରସରକାରଙ୍କ 50 ପ୍ରତିଶତ ଲେଖାଏଁ ଅଂଶ ମୂଳଧନ ବିନିଯୋଗରେ ସମ୍ପୂର୍ଣ୍ଣ କରାଯିବ ।

କ୍ରମବର୍ଦ୍ଧିଷ୍ଣୁ ଯାନବାହନ ସମସ୍ୟା ଯୋଗୁ ଓଡିଶା ହାଇକୋର୍ଟକୁ ପ୍ରବେଶ ପଥଗୁଡିକ ଦିନକୁ ଦିନ ଗହଳି ହୋଇଯାଉଥିବାରୁ ରିଙ୍ଗ୍ ରୋଡ ପାର୍ଶ୍ୱରୁ ଟ.85,85,000/- ବ୍ୟୟରେ ଏକ ପ୍ରବେଶ ପଥ ନିର୍ମାଣ ପାଇଁ ରାଜ୍ୟସରକାର ସ୍ଥିର କରିଛନ୍ତି ।ଏହାର ନିର୍ମାଣ ପାଇଁ ପ୍ରଥମ ଦଫାରେ ଟ.55,00,000/-ଙ୍କା ମଞ୍ଜୁର କରାଯାଇଛି । ଖଡିଆଳରେ ଅସମ୍ପୂର୍ଣ୍ଣ ଥିବା କୋର୍ଟଗୃହ ସମ୍ପୂର୍ଣ୍ଣ କରିବା ନିମନ୍ତେ ପ୍ରଥମ ଦଫାରେ

ଟ.57,14,000/-ଙ୍କା ମଞ୍ଜୁର କରାଯାଇଛି । ଅନୁରୂପ ଭାବରେ, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିମିତ୍ତ ଏକ ବଙ୍ଗଳା ନିର୍ମାଣ ପାଇଁ ଟ.1,93,00,000/-ଙ୍କା ବ୍ୟୟରେ ହେବାକୁ ଥିବା ପ୍ରକଳ୍ପଟିକୁ ପ୍ରଶାସନିକ ମଞ୍ଜୁରି ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ କାମ ଚାଲୁ କରିବା ପାଇଁ ପ୍ରଥମ ଦଫାରେ ଟ.50,00,000/- ଙ୍କା ମଞ୍ଜୁର କରାଯାଇଛି । ଅଧିକନ୍ତୁ, ଅଧସ୍ତନ ନ୍ୟାୟପାଳିକାରେ କାର୍ଯ୍ୟରତ ମାଜିଷ୍ଟ୍ରେଟମାନଙ୍କ ବାସଗୃହ ପାଇଁ ଟ.80,00,000/-ଙ୍କା ବ୍ୟୟରେ 5 ଗୋଟି ବାସଗୃହ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଅର୍ଥ ମଞ୍ଜୁର କରାଯାଇଛି ।

# ସପ୍ତମ ଅଧ୍ୟାୟ

## 7. ମାନବାଧିକାର ସୁରକ୍ଷା :

7.1 2006 ମସିହାରେ (ତା.30.11.2006 ରିଖ ପର୍ଯ୍ୟନ୍ତ) ସର୍ବମୋଟ 2641 ଟି ଯୌତୁକ ଓ ଅଣଯୌତୁକ ଜନିତ ମୋକଦ୍ଦମା ରୁଜୁ ହୋଇଥିଲା । ସେହିପରି 2005 ଓ 2004 ମସିହାରେ ରୁଜୁ ହୋଇଥିବା ଉକ୍ତ ମୋକଦ୍ଦମାର ସଂଖ୍ୟା ଯଥାକ୍ରମେ 2269 ଓ 2068 । ପୂର୍ବବର୍ଷ ତୁଳନାରେ ଏହି ମୋକଦ୍ଦମା ଶତକଡା 16.3 ବୃଦ୍ଧି ପାଇଛି । 2006 ରେ ରୁଜୁ ହୋଇଥିବା 2641ଟି ମୋକଦ୍ଦମା ମଧ୍ୟରୁ 388 ମୋକଦ୍ଦମାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି । 4 ଟି ମୋକଦ୍ଦମାରେ ରିପୋର୍ଟ ଚୂଡାନ୍ତ ହୋଇଛି । 4 ଟି ମୋକଦ୍ଦମା ଅନ୍ୟଭାବେ ଫଏସଲା ହୋଇଛି । ଅବଶିଷ୍ଟ 2245 ଟି ତଦନ୍ତାଧୀନ ମୋକଦ୍ଦମା ମଧ୍ୟରୁ 2047 ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ନାରୀମାନଙ୍କର ସାମାଜିକ ସ୍ଥିତି ଓ ଅଧିକାର ବିଷୟରେ ସଚେତନତାର ଅଭିବୃଦ୍ଧି ଘଟୁଥିବାରୁ ସେମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବିରୋଧରେ ଅଭିଯୋଗ ବଢିଚାଲିଛି । ସମ୍ଭବତଃ, ଏହି କାରଣରୁ ଥାନା ମାନଙ୍କରେ ଅଧିକରୁ ଅଧିକ ନାରୀ ନିର୍ଯ୍ୟାତନା ମାମଲା ରୁଜୁ ହେଉଛି । ଜାତୀୟ ମାନବାଧିକାର କମିଶନ ଓ ରାଜ୍ୟ ମାନବାଧିକାର କମିଶନଙ୍କ ଠାରୁ ମଧ୍ୟ ଏ ସମ୍ବନ୍ଧୀୟ ନୋଟିସ୍ ଏହି ବିଭାଗରେ ପ୍ରାପ୍ତ ହେଉଛି । ନାରୀମାନଙ୍କ ଉପରେ ହେଉଥିବା ଯୌତୁକ ଓ ଅଣ-ଯୌତୁକ ନିର୍ଯ୍ୟାତନା, ହରିଜନ ଓ ଆଦିବାସୀମାନଙ୍କ ଉପରେ ହେଉଥିବା ନୃଶଂସତା ଓ ପୋଲିସ ହାଜତ ମୃତ୍ୟୁ ଆଦି ଉପରେ କାର୍ଯ୍ୟ କରୁଥିବା ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ, ରାଜ୍ୟ ପୋଲିସ ସଦର କାର୍ଯ୍ୟାଳୟର ଏକ ବିଶେଷ ଅଙ୍ଗ । ଏହି ସଂସ୍ଥା ଜାତୀୟ ମାନବାଧିକାର କମିଶନ, ରାଜ୍ୟ ମାନବାଧିକାର କମିଶନ, ଜାତୀୟ ମହିଳା କମିଶନ, ରାଜ୍ୟ ମହିଳା କମିଶନ ଏବଂ ହରିଜନ-ଆଦିବାସୀ ଜାତୀୟ କମିଶନଙ୍କ ମଧ୍ୟରେ ଏକ ଯୋଗସୂତ୍ରକାରୀ ମାଧ୍ୟମ ଭାବେ କାର୍ଯ୍ୟକରୁଛି । ଏତଦ୍‌ବ୍ୟତୀତ ରାଜ୍ୟ ପୋଲିସ ସଦର କାର୍ଯ୍ୟାଳୟକୁ ପ୍ରେରିତ ମାନବାଧିକାର ସମ୍ବନ୍ଧୀୟ ସମସ୍ତ ପ୍ରସଙ୍ଗ ଉପରେ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ଏହି ସଂସ୍ଥା ମଧ୍ୟ ନାରୀ ନିର୍ଯ୍ୟାତନା ଏବଂ ହରିଜନ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ଅଭିଯୋଗ ଉପରେ ତଦନ୍ତଭାର ନିଜ ହାତକୁ ନେବା ସହିତ ତଦ୍‌ଜନିତ

ପଞ୍ଜିକୃତ ସମସ୍ତ ଅପରାଧ ନିୟନ୍ତ୍ରଣ କରେ । ଏହା ବ୍ୟତୀତ, ସମସ୍ତ ପୋଲିସ ହାଜତ ମୃତ୍ୟୁ ଅଭିଯୋଗର ମଧ୍ୟ ତଦନ୍ତ କରେ । ଏହି ରାଜ୍ୟସ୍ତରୀୟ ପ୍ରତିଷ୍ଠାନ, ପ୍ରତି ଜିଲ୍ଲା ସଦର ମହକୁମାରେ ସ୍ଥାପିତ ଜିଲ୍ଲା ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନମାନଙ୍କରେ ଫଳପ୍ରଦ କାର୍ଯ୍ୟ ସମ୍ପାଦନ ପାଇଁ ମଧ୍ୟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ଆବଶ୍ୟକ ଦିଗ୍‌ଦର୍ଶନ ଦେଇଥାଏ । ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନରେ ଏକ ପରିବାର ପରାମର୍ଶ କେନ୍ଦ୍ର ଖୋଲାଯାଇଛି । ଏଥିରେ ଯୌତୁକ ଜନିତ ସମସ୍ୟା ଓ ଦାମ୍ପତ୍ୟ କଳହ ଇତ୍ୟାଦିର ଅଭିଯୋଗମାନ ପଞ୍ଜିକୃତ କରାଯାଇ ବୃତ୍ତିଗତ ପରାମର୍ଶଦାତ୍ରୀମାନଙ୍କ ଦ୍ୱାରା ସେମାନଙ୍କର ପରାମର୍ଶ ମାଧ୍ୟମରେ ସମସ୍ୟାର ସମାଧାନ କରାଯାଉଛି ।

### 7.2 ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଦ୍ୱାରା ତଦନ୍ତ କାର୍ଯ୍ୟ ।

2006 ମସିହାରେ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ 14ଟି ଯୌତୁକ ଜନିତ ଅପରାଧ ମାମଲାର ତଦନ୍ତ ଭାର ହାତକୁ ନେଇଛନ୍ତି । ତନ୍ମଧ୍ୟରୁ 5ଟି ମୋକଦ୍ଦମାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି ଓ ଅବଶିଷ୍ଟ 2ଟି ମୋକଦ୍ଦମା ତଦନ୍ତାଧୀନ ଅଛି ।

### 7.3 ଅଭିଯୋଗ ପ୍ରକୋଷ୍ଠ ।

2006 ମସିହାରେ ଯୌତୁକ ଜନିତ ନିର୍ଯ୍ୟାତନା, ହରିଜନ ଓ ଆଦିବାସୀଙ୍କ ଉପରେ ହେଉଥିବା ନିଷ୍ଠୁରତା ଓ ଅନ୍ୟାନ୍ୟ ସମସ୍ୟା ଉପରେ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ 485ଟି ଅଭିଯୋଗ ପତ୍ର ପାଇଥିଲେ । ତନ୍ମଧ୍ୟରୁ 95ଟି ଅଭିଯୋଗ ପତ୍ର ଉପରେ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅବଶିଷ୍ଟ 390ଟି ଅଭିଯୋଗ ପତ୍ର ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ତଦନ୍ତାଧୀନ ଅଛି ।

### 7.4 ଜାତୀୟ ମାନବାଧିକାର କମିଶନଙ୍କ ଠାରୁ ପ୍ରାପ୍ତ ଅଭିଯୋଗ ।

2006 ମସିହାରେ ଜାତୀୟ ମାନବାଧିକାର କମିଶନଙ୍କ ଠାରୁ 68ଟି ଅଭିଯୋଗ ପତ୍ର ପ୍ରାପ୍ତ ହୋଇଛି । ତନ୍ମଧ୍ୟରୁ 56ଟିରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ଅଭିଯୋଗଗୁଡିକ ଫଇସଲା ହୋଇଛି ଓ ଅବଶିଷ୍ଟ 12ଟି ଅଭିଯୋଗ ପତ୍ର ସମ୍ପୃକ୍ତ ଜିଲ୍ଲା

ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ତଦନ୍ତାଧୀନ ଅଛି । ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଏ ସବୁ ଅଭିଯୋଗଗୁଡିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଏସଲା କରିବାପାଇଁ ବିଭିନ୍ନ ପ୍ରାଧିକାରୀଙ୍କ ସହିତ ଯୋଗସୂତ୍ର ରକ୍ଷା କରିଛନ୍ତି ।

## 7.5 ରାଜ୍ୟ ମାନବାଧିକାର କମିଶନଙ୍କ ଠାରୁ ପ୍ରାପ୍ତ ଅଭିଯୋଗ ।

*2006 ସମିହାରେ ରାଜ୍ୟ ମାନବାଧିକାର କମିଶନଙ୍କଠାରୁ 30ଟି ଅଭିଯୋଗ ପତ୍ର ପ୍ରାପ୍ତ ହୋଇଛି । ତନ୍ମଧ୍ୟରୁ 22ଟି ଅଭିଯୋଗ ପତ୍ର ଉପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପେଶ୍ କରାଯାଇଛି । ଅବଶିଷ୍ଟ 8ଟି ଅଭିଯୋଗ ପତ୍ର ତଦନ୍ତାଧୀନ ଅଛି ।*

## 7.6 ରାଜ୍ୟ ମହିଳା କମିଶନଙ୍କ ଠାରୁ ଅଭିଯୋଗ ପ୍ରାପ୍ତି ।

*2006 ମସିହାରେ ଓଡିଶା ରାଜ୍ୟ ମହିଳା କମିଶନ, ଭୁବନେଶ୍ୱରଙ୍କ ନିକଟରୁ 103ଟି ଅଭିଯୋଗ ମିଳିଥିଲା । ଏଥିମଧ୍ୟରୁ 50ଟି ଅଭିଯୋଗର ସମାଧାନ ହୋଇଥିବା ବେଳେ, ଅବଶିଷ୍ଟ 53ଟି ଅଭିଯୋଗର ସମାଧାନ ହେବାକୁ ବାକି ରହିଛି ।*

## 7.5 ପରିବାର ପରାମର୍ଶ କେନ୍ଦ୍ର ।

*ରାଜ୍ୟ ସରକାରଙ୍କ ସମାଜମଙ୍ଗଳ ବୋର୍ଡ ଦ୍ୱାରା ନିଯୁକ୍ତି ପାଇଥିବା ବୃତ୍ତିଭିତ୍ତିକ ପରାମର୍ଶଦାତ୍ରୀମାନଙ୍କୁ ନେଇ ଏକ ପରାମର୍ଶ କେନ୍ଦ୍ର ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନରେ ଖୋଲାଯାଇଛି । ଏହି କେନ୍ଦ୍ରରେ ପାରିବାରିକ ମନୋମାଳିନ୍ୟ ଓ ଦାମ୍ପତ୍ୟ କଳହର ଆପୋଷ ସମାଧାନ ନିମନ୍ତେ ପରାମର୍ଶ ଦିଆଯାଇଥାଏ । 2005ରେ ଏହି ପରିବାର ପରାମର୍ଶ କେନ୍ଦ୍ରରେ 92ଟି ଅଭିଯୋଗ ମିଳିଥିବା ବେଳେ; 2006 ମସିହାରେ ମୋଟ 94ଟି ଅଭିଯୋଗ ଏହି କେନ୍ଦ୍ରରେ ପ୍ରାପ୍ତ ହୋଇଥିଲା । ତନ୍ମଧ୍ୟରୁ 64ଟି ଅଭିଯୋଗ ସମାଧାନ ହୋଇସାରିଛି । ଅବଶିଷ୍ଟ 30ଟି ଅଭିଯୋଗର ସମାଧାନ ପ୍ରକ୍ରିୟା ଚାଲୁ ରହିଛି । ସମସ୍ତ ଜିଲ୍ଲା ଏସ୍.ପି.ମାନଙ୍କୁ ଏ ସଂକ୍ରାନ୍ତରେ ସେମାନଙ୍କ ଜିଲ୍ଲାରେ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ (ଏଚ୍.ଆର୍.ପି.ସି.)ରେ ଏପରି ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।*

# ଅଷ୍ଟମ ଅଧ୍ୟାୟ

## 8. ନିର୍ବାଚନ :

### 8.1 ଉପନିର୍ବାଚନ ପରିଚାଳନା:

136- ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ଉପନିର୍ବାଚନର ସମସ୍ତ 166 ଗୋଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇ.ଭି.ଏମ୍) ବ୍ୟବହୃତ ହୋଇଥିଲା ।

### 8.2 ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ:

ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ତା. 01.01.2007 ରିଖକୁ ଯୋଗ୍ୟତା ସୂଚକ ତାରିଖରୂପେ ଗ୍ରହଣ କରାଯାଇ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତା. 08.12.2006 ରିଖରେ ଚିଠା ଭୋଟର ତାଲିକା ପ୍ରକାଶନ କରାଯାଇଥିଲା ଏବଂ ପ୍ରାପ୍ତ ଦାବି ଓ ଆପତ୍ତି ଫଏସଲା ପରେ ତା.08.02.2007 ରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଥିଲା ।

# ନବମ ଅଧ୍ୟାୟ

## ୨. ଓଡିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରତିଷ୍ଠାନ, ଭୁବନେଶ୍ୱର :

ଭୁବନେଶ୍ୱରରେ ଅବସ୍ଥିତ ଏହି ପ୍ରତିଷ୍ଠାନ, ଅଣ କର୍ମଚାରୀ ଏବଂ ସରକାରୀ କର୍ମଚାରୀ ଯଥା - କ୍ଷିପ୍ର ଲିପିକ, ମୁଦ୍ର ଲେଖକ ଏବଂ କନିଷ୍ଠ କିରାଣିମାନଙ୍କୁ ଓଡିଆ ଏବଂ ଇଂରାଜୀ ଭାଷାରେ 'କ୍ଷିପ୍ରଲିପି' ଓ 'ମୁଦ୍ରଲିପି' ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ । 2006-07 ଆର୍ଥିକ ବର୍ଷରେ ଉକ୍ତ ଅନୁଷ୍ଠାନ ମୋଟ 45 ଜଣ ସରକାରୀ କର୍ମଚାରୀ ( କ୍ଷିପ୍ରଲିପିକ, ମୁଦ୍ରଲେଖକ ଏବଂ କନିଷ୍ଠ କିରାଣି)ମାନଙ୍କୁ ତାଲିମ ପ୍ରଦାନ କରିଅଛି । ଏତଦ୍‌ବ୍ୟତୀତ ଉକ୍ତ ବର୍ଷ ଏହି ଅନୁଷ୍ଠାନରେ 80 ଜଣ ଅଣକର୍ମଚାରୀ ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରମାନଙ୍କୁ ଇଂରାଜୀ କ୍ଷିପ୍ରଲିପି ଓ ମୁଦ୍ରଲିପିରେ ପ୍ରଶିକ୍ଷଣ ଦିଆଯାଇଛି ।

# ଦଶମ ଅଧ୍ୟାୟ

## 10. ରାଜ୍ୟ ସୈନିକ ବୋର୍ଡ :

**10.1** ରାଜ୍ୟର ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ପୂର୍ବତନ ସାମରିକ କର୍ମଚାରୀ ଓ ପ୍ରତିରକ୍ଷା କର୍ମଚାରୀଙ୍କ ପରିବାରର କଲ୍ୟାଣ ଓ ପୁର୍ନବସତି ପ୍ରୋତ୍ସାହନ ନିମନ୍ତେ ଓଡିଶା ରାଜ୍ୟ ସୈନିକ ବୋର୍ଡ ପ୍ରତିଷ୍ଠା କରାଯାଇଛି । ଏହି ରାଜ୍ୟ ସୈନିକ ବୋର୍ଡ ଅଧୀନରେ ପ୍ରତି ଜିଲ୍ଲାରେ ଗୋଟିଏ ହିସାବରେ ୯ଟି ଜିଲ୍ଲା ସୈନିକ ବୋର୍ଡ, କଟକ, ଢେଙ୍କାନାଳ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ କଳାହାଣ୍ଡିଠାରେ କାର୍ଯ୍ୟ କରୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାଗ ନେଇଥିବା ଯୁଦ୍ଧପ୍ରବୀଣ ମାନଙ୍କର ପେନ୍‌ସନ୍ ଦରଖାସ୍ତ ବିଚାର କରିବା, ଭୂତପୂର୍ବ ସୈନିକମାନଙ୍କର ପରିଚୟପତ୍ର ପ୍ରଦାନ କରିବା, ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ପୂର୍ବତନ ସାମରିକ କର୍ମଚାରୀ ଏବଂ ମୃତ ପ୍ରତିରକ୍ଷା କର୍ମଚାରୀମାନଙ୍କର ପରିବାର ବର୍ଗଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସହାୟତା କରିବା ଏହି ବୋର୍ଡ ମାନଙ୍କର ମୁଖ୍ୟ କାର୍ଯ୍ୟ ଅଟେ ।

2006 ବର୍ଷରେ ସୈନିକ ବୋର୍ଡ ସଂସ୍ଥା ହାସଲ କରିଥିବା ସଫଳ କାର୍ଯ୍ୟକ୍ରମର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

### (କ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରବୀଣ ପେନ୍‌ସନ୍ ।

ଏପ୍ରିଲ 2006 ରୁ ଡିସେମ୍ବର 2006 ମଧ୍ୟରେ 95 ଜଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରବୀଣ/ ବିଧବା ପତ୍ନୀଙ୍କୁ ମାସିକ 5 ଶହ ଟଙ୍କା ହାରରେ ମୋଟ 3 ଲକ୍ଷ 94 ହଜାର 6 ଶହ 65 ଟଙ୍କା ବିତରଣ କରାଯାଇଛି ।

### (ଖ) ଭୂତପୂର୍ବ ସାମରିକ କର୍ମଚାରୀମାନଙ୍କୁ ସରକାରୀ ପତିତ ଜମି ଆବଣ୍ଟନ ।

125 ଜଣ ଜମିହୀନ ଭୂତପୂର୍ବ ହାଭିଲଦାର ଓ ତତ୍ତୁଲ୍ୟ ସ୍ତରର ସୈନିକମାନଙ୍କୁ 1 ଏକର ଲେଖାଏଁ ସରକାରୀ ପତିତ ଜମି ଚାଷ କରିବା ପାଇଁ ଆବଣ୍ଟନ କରିବା ନିମନ୍ତେ ଯୋଗ୍ୟତା ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ।

### (ଗ) ଭୂତପୂର୍ବ ସାମରିକ କର୍ମଚାରୀମାନଙ୍କୁ ନିଯୁକ୍ତି ସହାୟତା ।

82 ଜଣ ଭୂତପୂର୍ବ ସାମରିକ କର୍ମଚାରୀଙ୍କୁ ବିଭିନ୍ନ ପବ୍ଲିକ୍ ସେକ୍ଟର ବ୍ୟାଙ୍କ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦପ୍ତରରେ ନିଯୁକ୍ତି ସହାୟତା ପ୍ରଦାନ କରାଯାଇଛି ।

# ଏକାଦଶ ଅଧ୍ୟାୟ

**11. ରାଜ୍ୟ ଅତିଥି ଭବନ :**

**11.1** ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରରେ 58ଟି ପ୍ରକୋଷ୍ଠ ରହିଛି । ଅତିଥି ଦିବସ ଅନୁସାରେ ଏହାର ବାର୍ଷିକ ଧାରଣ ଶକ୍ତି 21,170 । ବର୍ତ୍ତମାନ ଏଠାରେ ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି ।

**11.2 ଓଡିଶା ଭବନ/ ନିବାସ, ନୂଆଦିଲ୍ଲୀ :**

ନୂଆଦିଲ୍ଲୀସ୍ଥ ଆବାସିକ କମିଶନର, ରାଜ୍ୟ ସରକାରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ, ପ୍ରତିଷ୍ଠାନ ଓ ସଂସ୍ଥା ସହିତ ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରିଥାନ୍ତି ।

ଚଳିତ ଆର୍ଥିକ ବର୍ଷ (2006-07) ରେ ଏହି କାର୍ଯ୍ୟାଳୟ ଅନେକ ପ୍ରଣିଧାନ ଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛି । ତାହାର ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦାନ କରାଗଲା :

**(କ) ସମନ୍ୱିତ କାର୍ଯ୍ୟାଳୟ ।**

ଦିଲ୍ଲୀରେ ଅବସ୍ଥିତ ସମସ୍ତ ବିଭାଗୀୟ ଦପ୍ତର ତଥା ସରକାରୀ ଉଦ୍ୟୋଗ ଏବଂ ଯୋଗସୂତ୍ର ଅଧିକାରୀଙ୍କ କାର୍ଯ୍ୟାଳୟ, ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସହିତ ସଂଯୋଗ ସୂତ୍ରରେ ଆବଦ୍ଧ କରାଯାଇଛି । ଏହାଦ୍ୱାରା ଆର୍ଥିକ ସମ୍ବଳର ସୁବିନିଯୋଗ, ଉତ୍ତମ ସମନ୍ୱୟ ତଥା ଯୋଗସୂତ୍ର ରକ୍ଷା କରିବାରେ ଅଧିକ ସହାୟ ହୋଇଛି ।

**(ଖ) ଓଡିଶା ବିନିଯୋଗ ଓ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟାଳୟ ।**

ବିନିଯୋଗ ଓ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଙ୍ଗୀକାର କରିବା ଉଦ୍ଦେଶ୍ୟରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରକୋଷ୍ଠ ପ୍ରତିଷ୍ଠା କରାଯାଇଛି । ଦିଲ୍ଲୀ ଓ ଡେରାଡୁନ୍‌ରେ ପ୍ରଯୋଜିତ ଆର୍ନ୍ତଜାତିକ ବାଣିଜ୍ୟ ମେଳାରେ ଅଂଶଗ୍ରହଣ, ରାଜ୍ୟର ମଧ୍ୟମ ଓ ବୃହତ ଉଦ୍ୟୋଗମାନଙ୍କର ନିର୍ଦ୍ଦେଶିକା ପ୍ରକାଶନ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ, ଦିଲ୍ଲୀରେ ଉତ୍କଳିକା ଗୃହର ପୁନରୁଦ୍ଧାର ଓ ବୃହତ ନଏଡାରେ ଜାତୀୟ ପ୍ରଦର୍ଶନୀ ମେଳାରେ ଦୋକାନ କ୍ରୟ ଆଦି

ଭାରତ ସରକାରଙ୍କ ଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ନିମନ୍ତେ ତଥ୍ୟ ପ୍ରସ୍ତୁତି ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟର ଅଂଶ ବିଶେଷ ।

**(ଗ) ଯୋଗସୂତ୍ର ଏବଂ ଅନୁସରଣ କାର୍ଯ୍ୟ ।**

(1) ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସହିତ ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ବିଭାଗୀୟ ଦପ୍ତର ସହିତ ଯୋଗାଯୋଗ ରକ୍ଷା କରିବା ନିମନ୍ତେ ଏକ ବ୍ୟାପକ ୱେବ୍ ସାଇଟ୍ ପ୍ରସ୍ତୁତ କରାଯାଇଛି । ଏହି ବ୍ୟବସ୍ଥା ମାଧ୍ୟମରେ ମଞ୍ଜୁରି ଆଦେଶ, ସ୍ଥଗିତ ରହିଥିବା ପ୍ରସ୍ତାବଗୁଡିକର ସ୍ଥିତି ଏବଂ ବିଭିନ୍ନ ସଭାରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧୀୟ ତଥ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

(2) ଓଡିଶା ଭବନ ଏବଂ ଓଡିଶା ନିବାସରେ ଆଭ୍ୟନ୍ତରୀଣ ଆଧୁନିକ ସମ୍ମେଳନ ବ୍ୟବସ୍ଥା ସୃଷ୍ଟି କରାଯାଇଛି ।

(3) ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ତଥା ରାଜ୍ୟ ସରକାରଙ୍କ ବିଭାଗୀୟ ପ୍ରତିପକ୍ଷମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି ବକେୟା ବିଷୟଗୁଡିକର ଦ୍ରବ୍ୟ ତାଲିକା ପ୍ରସ୍ତୁତ କରିବା ଓ ଫଳପ୍ରଦ ଭାବେ ଅନୁସରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ନୋଡାଲ ଅଫିସରଙ୍କୁ ଚିହ୍ନିତ କରାଯାଇଛି ।

(4) ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସହିତ ନିବିଡ ଯୋଗସୂତ୍ର ସ୍ଥାପନ କରିବା ସହ ବାହ୍ୟ ସଂସ୍ଥା ଯଥା, ଡି.ଏଫ୍.ଆଇ.ଡି. ଓ ବିଶ୍ୱ ବ୍ୟାଙ୍କ ପ୍ରଭୃତି ସହ ସମ୍ବନୟ ରକ୍ଷା କରାଯାଉଛି । ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ବାହ୍ୟ ସଂସ୍ଥା ସହିତ ଯୋଗସୂତ୍ର ରକ୍ଷା କରିବା ଦ୍ୱାରା କେତେଗୁଡିଏ ପ୍ରସ୍ତାବ ସଫଳତାର ସହ ପୂର୍ଣ୍ଣାଙ୍ଗ ହୋଇପାରିଛି । ତନ୍ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟରେ ସାଧାରଣ ଉଦ୍ୟୋଗ ସଂସ୍ଥାର କାର୍ଯ୍ୟକ୍ରମ ପାଇଁ ଡି.ଏଫ୍.ଆଇ.ଡି.ରୁ ସହାୟତା ଭାବେ 30.487 ଅଯୁତ ଡଲାର ଅନୁଦାନ ମଞ୍ଜୁରି ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ, ଭାରତ ସରକାରଙ୍କର ଅର୍ଥନୈତିକ ମନ୍ତ୍ରଣାଳୟ ସହସ୍ରାବ୍ଦ ଉନ୍ନତି ଲକ୍ଷ୍ୟ ପାଇଁ 500 କୋଟି ଟଙ୍କା ଏବଂ ଭୂମି ପ୍ରଶାସନ ପ୍ରକଳ୍ପ ନିମନ୍ତେ 515 କୋଟି ଟଙ୍କାର ପ୍ରସ୍ତାବକୁ ଡି.ଏଫ୍.ଆଇ.ଡି.ରୁ ସହାୟତା ପ୍ରାପ୍ତି ନିମନ୍ତେ ଅନୁମୋଦନ କରିଛନ୍ତି ।

(5) ସଫଳତାର ସହ ଅନୁସରଣ ଦ୍ୱାରା କେନ୍ଦ୍ରୀୟ / କେନ୍ଦ୍ରୀୟ ପ୍ରବର୍ତ୍ତିତ ପରିଯୋଜନାରୁ ଯେଉଁ କେତେଗୁଡିଏ ବୃହତ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁରି ଫଳପ୍ରଦ ହୋଇଛି । ତନ୍ମଧ୍ୟରେ, ଶିଳ୍ପ ଭିତ୍ତିଭୂମି ଉନ୍ନୀତ ଯୋଜନା ମାଧ୍ୟମରେ ଯାଜପୁର ଠାରେ ଇସ୍ପାତ ଓ ଧାତୁ ଭିତ୍ତିକ ଶିଳ୍ପପୁଞ୍ଜ ନିମନ୍ତେ 50 କୋଟି ଟଙ୍କା ଏବଂ ସର୍ବଶିକ୍ଷା ଅଭିଯାନ, ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଇତ୍ୟାଦି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁରି ଅନ୍ତର୍ଭୁକ୍ତ ।

- **(ଘ) କାର୍ଯ୍ୟାଳୟ ପ୍ରଶାସନର ସୁବ୍ୟବସ୍ଥିକରଣ/ ମଙ୍ଗଳକାରୀ ପଦକ୍ଷେପ ।**
- ପ୍ରକୋଷ୍ଠ ସଂରକ୍ଷଣ ବ୍ୟବସ୍ଥା, ବେତନ ନାମାବଳୀ ଓ କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ଇତ୍ୟାଦି ଅନେକ ସରକାରୀ କାର୍ଯ୍ୟର କମ୍ପ୍ୟୁଟରିକରଣ ।
- କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇ ଦେବା ନିମନ୍ତେ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ 104 ଟି ଏକ-ପ୍ରକୋଷ୍ଠ ବିଶିଷ୍ଟ ଗୃହ କ୍ରୟ କରାଯାଇଛି ।
- ବରିଷ୍ଠ କର୍ମଚାରୀବୃନ୍ଦଙ୍କୁ ବାସଗୃହ ଯୋଗାଇଦେବା ନିମନ୍ତେ 4 ଟି ଏମ୍.ଆଇ.ଜି. ଫ୍ଲାଟ୍ କ୍ରୟ କରାଯାଇଛି ।

## 11.3 ଉତ୍କଳ ଭବନ, କୋଲକାତା :

କୋଲକାତାସ୍ଥିତ ଉତ୍କଳ ଭବନରେ 28 ଟି ପ୍ରକୋଷ୍ଠରେ 68ଟି ଶଯ୍ୟା ଅଛି । ତନ୍ମଧ୍ୟରୁ 6 ଗୋଟି ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ, 11 ଗୋଟି ସାଧାରଣ ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଏବଂ ଦୁଇଗୋଟି ଏକ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ରହିଛି । ଏହି ସଂସ୍ଥାରୁ 19,792 ଅତିଥି ଦିବସ ଆପ୍ୟାୟିତପୂର୍ବକ, ରାଜସ୍ୱ ବାବଦରେ 8,61,041 ଟଙ୍କା ଆଦାୟ କରାଯାଇଥିଲା ।

### 11.4 ଓଡିଶା ସଦନ, ମୁମ୍ବାଇ :

ନାଭି ମୁମ୍ବାଇ (Navi Mumbai)ର ଭାସିଠାରେ ଟ.6,79,06,679 ଙ୍କା (ଛଅ କୋଟି ଅଣାଅଶି ଲକ୍ଷ ଛଅ ହଜାର ଛଅଶହ ଅଣାଅଶି ଟଙ୍କା) ବ୍ୟୟ ବାବଦରେ ଓଡିଶାସଦନର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଇଡ୍କୋ (IDCO) ଭୁବନେଶ୍ୱରଙ୍କୁ ଏହି ନିର୍ମାଣର ଦାୟିତ୍ୱ ଦିଆଯାଇଛି । ଇଡ୍କୋ ଦ୍ୱାରା ସମର୍ପିତ ସ୍ଥିତାବସ୍ଥା ତଥ୍ୟ ଅନୁଯାୟୀ ଏହି ପ୍ରକଳ୍ପ 2007 ମସିହା ଜୁନ୍ ସୁଦ୍ଧା ସଂପୂର୍ଣ୍ଣ ହେବ ।

# ଦ୍ୱାଦଶ ଅଧ୍ୟାୟ

## 12. ସାଧାରଣ ଅଭିଯୋଜନା ନିର୍ଦ୍ଦେଶାଳୟ :

ସାଧାରଣ ଅଭିଯୋଜନା ନିର୍ଦ୍ଦେଶାଳୟ ରାଜ୍ୟର ଫୌଜଦାରୀ ନ୍ୟାୟାଳୟ ଗୁଡିକରେ ଆଗତ ହେଉଥିବା ଅଭିଯୋଗଗୁଡିକୁ ପର୍ଯ୍ୟାଲୋଚନା ଓ ଉପସ୍ଥାପନା କରି ଦୋଷସିଦ୍ଧ ହାର ଉନ୍ନତି କରିବା ଦାୟିତ୍ୱ ବହନ କରୁଛି । ବିଚାରାଳୟ ମାନଙ୍କ ସମ୍ମୁଖରେ ଅଭିଯୋଜନର ତ୍ରୁଟିବିହୀନ ଉପସ୍ଥାପନାର ପରିସମାପ୍ତି ହାସଲ କରିବାପାଇଁ ଏହି ସଂସ୍ଥା ତଦନ୍ତକାରୀ ଏବଂ ଅଭିଯୋଜନକାରୀ ମାଧ୍ୟମମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରୁଛି । ଏହା ମଧ୍ୟ ରାଜ୍ୟ ଅଭିଯୋଜକମାନଙ୍କ ବିରୁଦ୍ଧରେ ଅଭିଯୋଗ ପାଇଲାପରେ ତଦନ୍ତ ସଂଚାଳନ କରେ । ମାନ୍ୟବର ଉଚ୍ଚନ୍ୟାୟାଳୟ, ଓଡିଶା, ତଥା ବିଧି ବିଭାଗଙ୍କ ଠାରୁ ଅନୁଦେଶ ପାଇଲାପରେ ଅଶୁଦ୍ଧ ତଥା ଭ୍ରମଯୁକ୍ତ ଅଭିଯୋଜକମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଏ । 1997 ମସିହାରେ "ଓଡିଶା ରାଜ୍ୟ ଅଭିଯୋଜନ ସେବା ନିୟମ, 1997" ପ୍ରଣୟନ ଓ ଅଧିସୂଚିତ କରାଯାଇଥିଲା । ସେହି ସମୟରୁ କ୍ୟାଡର ଭିତ୍ତିକ 17 ଜଣ ସାଧାରଣ ଅଭିଯୋଜକ, 12 ଜଣ ଅତିରିକ୍ତ ସାଧାରଣ ଅଭିଯୋଜକ ଓ 19 ଜଣ ସହକାରୀ ସାଧାରଣ ଅଭିଯୋଜକ, ଓଡିଶା ଲୋକସେବା ଆୟୋଗ ଦ୍ୱାରା ଚୟନ କରାଯାଇ ସରକାରଙ୍କ ଦ୍ୱାରା ନିଯୁକ୍ତି ଦିଆଯାଇଛି । କ୍ୟାଡର୍ ଅଭିଯୋଜକମାନଙ୍କ ଦ୍ୱାରା ପରିଚାଳିତ ମାମଲା ଗୁଡିକର ଦୋଷସିଦ୍ଧ ହାର ନିମ୍ନସାରଣୀରେ ପ୍ରଦାନ କରାଗଲା ।

| **ନ୍ୟାୟାଳୟର ନାମ** | **ସମୟ** | **ଫଇସଲା ମାମଲାର ସଂଖ୍ୟା** | **ଦୋଷସିଦ୍ଧ ମାମଲା ସଂଖ୍ୟା** | **ଦୋଷସିଦ୍ଧ ହାର** |
|---|---|---|---|---|
| (1) | (2) | (3) | (4) | (5) |
| ମାଜିଷ୍ଟ୍ରେରିଆଲ ନ୍ୟାୟାଳୟ | ଜାନୁୟାରୀ 2006ରୁ ଡିସେମ୍ବର 2006 | 2408 | 491 | 20.39% |
| ଦୌରା ନ୍ୟାୟାଳୟ | ଜାନୁୟାରୀ 2006ରୁ ଡିସେମ୍ବର 2006 | 1287 | 554 | 43.05% |
| | **ମୋଟ:** | **3695** | **1045** | |

- O -

OGP-MP-PTS (Home)9-600-30-6-2007